

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ଜଣ ଲୋକଙ୍କୁ ସମର୍ପି ଦେଇଥିଲା। ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି। ପୀଡିତା ନିବାଡା ଗାଁରେ ରୁହନ୍ତି। ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା। କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ। ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ପତ୍ନୀଙ୍କ



ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ। ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ। ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି। ଏମାନେ ଗାଜିଆବାଦର ବାସିନ୍ଦା। ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ନ ଥିଲା। ନିଜ ଦେଢ଼ଶୂର, ନଣଦେଇ ଓ ଶଶୂର ମଧ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ମହିଳା ▶ପୃଷ୍ଠା-୭

# ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'। ଏଥିପାଇଁ ଆନ୍ଧ୍ର ସରକାର ସରଳା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି। ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ। କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି। ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ। ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ ▶ପୃଷ୍ଠା-୭

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**



# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ




■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି। ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି। ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ। ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା।

**ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା। ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ସାଲାଇନ୍ ସରିଯାଇଥିବାରୁ ସାଲାଇନ୍‌ବୋତଲକାଢ଼ିସେତଳେରଖିଥିଲା। ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା। ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ। ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା। ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା। ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା। ଡାକ୍ତରଙ୍କ ସୁପାରିସ କ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ଏତଲା ଦେଇଥିଲେ। ଏହାପରେ ▶ପୃଷ୍ଠା-୭

### ଅସନ୍ତୋଷ ଚାପିବାକୁ ୨୦୦ରୁ ଅଧିକ ସାମଗ୍ରୀରୁ ହଟିଲା ଶୁଳ୍କ

# ମହଙ୍ଗା ମାଡ଼ ପରେ ଆଣ୍ଠେଇଲେ ଟ୍ରମ୍ପ

■ ୱାସିଂଟନ୍, ୧୮।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି। ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବା ।।ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଜିଦଖୋର ନୀତି ଯୋଗୁଁ ଦେଶବାସୀ ଗୁରୁତର ସାମଗ୍ରୀ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଦେଶ ଭିତରେ ଅସନ୍ତୋଷ ତୀବ୍ର ହେବାକୁ ଲାଗିବାରୁ ଟ୍ରମ୍ପ ତାଙ୍କର ବାଣିଜ୍ୟ ନୀତିରେ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି। ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ



ଉଠାଇ ଦେଇଛି। ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇଟ୍ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ହୋଇଛି। ୨୦୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ଥିଲା ୨୨,୦୦୦ କୋଟି ଟଙ୍କା। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ। ଭାରତ ଏବଂ ଆମେରିକା

**ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍**

ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି। ତେବେ ଟ୍ରମ୍ପ୍ ସେହି ସାମଗ୍ରୀ ଉପରୁ ଶୁଳ୍କ ହଟାଇଛନ୍ତି ଯାହାର ଉତ୍ପାଦନ ଆମେରିକାରେ କମ୍ ରହିଛି।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍। କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ। ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା। ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

# ସାଲିଆସାହିରେ ବୁଲିଲା ବୁଲ୍‌ଡୋଜର

■ ଭୁବନେଶ୍ୱର, ୧୮।୧୧ (ସମିସ): ରାଜଧାନୀର ପ୍ରମୁଖ ବସ୍ତି ସାଲିଆସାହିରେ ମଙ୍ଗଳବାର ବୁଲିଛି ବୁଲଡୋଜର। ଏକାମ୍ରକାନନରୁ ଅନ୍ଧାରୁଆ ୧୩ କିଲୋମିଟର ନୂତନ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାୟକ୍ରମେ ପ୍ରାୟ ୫୨୧ଘର ଉଚ୍ଛେଦ କରାଯିବାକୁ ଥିବା ବେଳେ ଆଜି କିଛି ଘରକୁ ଭାଙ୍ଗିଦିଆଯାଇଛି। ପ୍ରବଳ ଶୀତବେଳେ ବିନା ଥଇଥାନରେ ଉଚ୍ଛେଦକୁ ବିରୋଧ କରି ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପୁଲିସ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି ଏବଂ ଖଣ୍ଡଯୁଦ୍ଧ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଘର ଭାଙ୍ଗିବା ପରେ କେଉଁଆଡ଼େ ଯିବୁ, ଛୋଟ ଛୋଟ ପିଲାଙ୍କୁ ନେଇ ଶୀତ ରାତିରେ କିଭଳି ବଞ୍ଚିବୁ ବୋଲି ସେମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏପରିକି ଘର ଭଙ୍ଗା ବେଳେ କିଛି ଲୋକ ▶ପୃଷ୍ଠା-୭



**ବସ୍ତିବାସିନ୍ଦାଙ୍କ ତୀବ୍ର ବିରୋଧ, ବୁଲଡୋଜର ଆଗରେ ଧାରଣା**

**୬୦୦ ବର୍ଗଫୁଟ ଜମି ଦେବାକୁ କହିଥିଲେ, ଏବେ ଠକିଦେଲେ**



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮।୧୧ (ସମିସ): ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମାର ଖେଳ ଶେଷ ହୋଇଛି। ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି। ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛନ୍ତି। ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ▶ପୃଷ୍ଠା-୭

# ଅକାଠୁଆ ଶୀତ



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ। ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି। ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି। ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭





Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #Limited period offer, T&C apply. $Offer subject to approval of valid documents. *Ex-showroom prices are applicable in Odisha.

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, Jatni: Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: Jagannath Motors - 7064309702, Chandpur: Apsara - 9861418161, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778.

RS/Hero/11/25







# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ

## ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କିଛି ଅଜଣା ବନ୍ଧୁକଧାରୀ ଅସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ । ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ହତ୍ୟା କରି ବାଳିକା ଛାତ୍ରବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି । ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡ଼ିକରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଇଛି । ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ । ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି । କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ଦେଖାଯାଇଛି ।

# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ



ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି । ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି । ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା । ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା । ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ । ସୂଚନା ଅନୁଯାୟୀ, ଏନ୍‌ଆଇଏ ଆଜି ପଟିଆଲ ହାଉସ କୋର୍ଟରେ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା । ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା । ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲା । ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା । କିନ୍ତୁ ଯାଞ୍ଚ ପରେ କିଛି ମିଳି ନ ଥିଲା । ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି ।

# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## ‘ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା’

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଆତ୍ମଘାତୀ ବୋମା ସାଜିଥିବା ଉମର ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ରଖିଛି । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା । ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା ସହିଦ ହେବାର ଏକ ମିସନ ବୋଲି ସେ କହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋରଣ କରିବା ସହ ନିଜକୁ ଉଡାଇ ଦେଇଥିଲା । ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି ।

ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏପରି କରିବାକୁ ମନା କରିଦେଇଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା ।



- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲା । ଏହା ଇସ୍‌ଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦାବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ଗତ ଏପ୍ରିଲ୍‌ରେ ସେ ଏହି ମିସନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦ୍ୱାହି ଦେଇ ସେ ଓହରିଯାଇଥିଲା । ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛନ୍ତି । ଆତଙ୍କବାଦ ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହାରକୁ ଯିବା ନେଇ ବାରଣ କରାଯାଇଛି । ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି । ଡାକ୍ତର ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ପ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲେ । ପରେ ପଶ୍ଚିମବଙ୍ଗରୁ ସେ ଗିରଫ ହୋଇଥିଲା । ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କରେ ସେ ସାମିଲ ଥିବୋଲି ଜଣାପଡ଼ିଛି ।

# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କିଛି ମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା’ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା । ଏହି ସୁବିଧା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ । ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ । ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି । ଏବେ ଇରାନ ଯାଉଥିବା ଭାରତୀୟଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି । ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି ।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି । ଆଇସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି । ଏଥିସହ ପାର୍ଟି କମଚଳା ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି । କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିମ ରାୟ ଦିଆଯାଇଥିଲା । ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା । ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା । ମୁଖ୍ୟ ବିଚାରପତି ମାସେ ହେଲା ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ବାଂଲାଦେଶରେ ହସିନାଙ୍କ ଭାଷଣ ଛାପିବା ଉପରେ ସରକାର କଟକଣା ଲଗାଇ ଦେଇଛନ୍ତି । ତାଙ୍କୁ ଦେଶକୁ ନେବା ପାଇଁ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି ମଧ୍ୟ କୁହାଯାଉଛି ।



# ସାଉଦିକୁ ଏଫ୍-୩୫ ବିକିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି । ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାର ବୋଲି କହିଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି । ଗତ କେତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁଛି । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି । ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ । କିନ୍ତୁ ସାଧାରଣତଃ ଏହା ହୋଇନଥାଏ । ଏଫ୍-୩୫ ୫ମ ପିଢ଼ିର ଫାଇଟର ଜେଟ୍ । ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି । ୨୦୦୬ରୁ ଏହି ବିମାନ ତିଆରି ପ୍ରକ୍ରିୟା ଆରମ୍ଭ ହେଉଛି । ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା । ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ । ଏଫ୍-୩୫ର ୩ଟି ଭାରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।



# ବାଚସ୍ପତି ପଦ ପାଇଁ ଟଣାଓଟରା

## ଗୃହ ବିଭାଗ ଛାଡ଼ିବାକୁ ନୀତୀଶ ନାରାଜ

ପାଟନା/ନୂଆଦିଲ୍ଲୀ, ୧୮।୧୧: ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାରେ ୫ ଦିନ ବିତିଗଲାଣି, କିନ୍ତୁ ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ । ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମ ଘୋଷଣା କରାଯାଇ ନାହିଁ । କୁହାଯାଉଛି ଯେ ବାଚସ୍ପତି ପଦ ଓ ଗୃହ ମନ୍ତ୍ରଣାଳୟକୁ ନେଇ ବିଜେପି ଏବଂ ନୀତୀଶଙ୍କ ଜେଡିୟୁ ମଧ୍ୟରେ ଟଣାଓଟରା ଚାଲିଥିବାରୁ ନେତା ନିର୍ବାଚନ ପାଇଁ ଏନଡିଏ ବୈଠକ ମଧ୍ୟ ବସିପାରୁ ନାହିଁ । ଉଭୟ ବାଚସ୍ପତି ପଦ ସହିତ ଗୃହ ବିଭାଗ ଜେଡିୟୁ ହାତରେ ରଖିବା ଲାଗି ନୀତୀଶ ଜିଦ୍ ଧରିଛନ୍ତି । କିନ୍ତୁ ବିଜେପି ଏଥିରେ ରାଜି ହେଉନାହିଁ । ବିଜେପି ନେତା ଯୁକ୍ତି କରୁଛନ୍ତି ଯେ ବିଜେପି ଅଧିକ ଆସନ ପାଇଥିଲେ ମଧ୍ୟ କମ୍ ଆସନ ପାଇଥିବା ଜେଡିୟୁକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦିଆଯିବ । ଏହା ବଦଳରେ ବିଜେପିକୁ ବାଚସ୍ପତି ପଦ ସହିତ ଗୃହ ବିଭାଗ ମିଳିବା ଉଚିତ ।

ବିଦାୟୀ ବିଧାନସଭାରେ ବିଜେପିର ନନ୍ଦ କିଶୋର ଯାଦବ ବାଚସ୍ପତି ଅଛନ୍ତି । କିନ୍ତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ହାତରେ ରଖିଛନ୍ତି । କୌଣସି ବି ପରିସ୍ଥିତିରେ ଗୃହ ବିଭାଗ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ନୀତୀଶ । ଏହାସହିତ ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କିତ ହୋଇପଡ଼ିଥିବା ନୀତୀଶ କୁମାର ବାଚସ୍ପତି ପଦ ତାଙ୍କର ଜେଡିୟୁକୁ ମିଳୁ ବୋଲି ଜିଦ୍ ଧରିଛନ୍ତି । ବାଚସ୍ପତି ଦୌଡ଼ରେ ବିଜେପିର ପ୍ରେମ କୁମାର ଥିବା ବେଳେ ଜେଡିୟୁର ବିଜୟ ଚୌଧୁରୀଙ୍କୁ ବାଚସ୍ପତି କରିବାକୁ ଚାହୁଛନ୍ତି ନୀତୀଶ ।

ଅଚଳାବସ୍ଥା ଦୂର କରିବା ଲାଗି ନୂଆଦିଲ୍ଲୀରେ ବିଜେପି ଏବଂ ଜେଡିୟୁର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି । ବର୍ତ୍ତମାନ ସୁଦ୍ଧା କୌଣସି ସହମତି ହୋଇପାରି ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ଡକରା ପାଇ ଗତକାଲି ରାତିରେ ଜେଡିୟୁର ଦୁଇ ବରିଷ୍ଠ ନେତା ସଂଜୟ ଝା ଏବଂ ଲଲନ ସିଂହ ଦିଲ୍ଲୀ ଯାଇଥିଲେ । ଅମିତ ଶାହଙ୍କ ସହିତ ଦୀର୍ଘ ତିନି ଘଣ୍ଟା ଧରି ଏହି ଦୁଇ ନେତାଙ୍କର ରୁଦ୍ଧଦ୍ୱାର ବୈଠକ ହୋଇଛି । ବୈଠକରେ ବଜେପି ସଭାପତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । ବାଚସ୍ପତି ଓ ଗୃହ ବିଭାଗକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି ।

ଅମିତ ଶାହ ଆସନ୍ତାକାଲି ପାଟନା ଆସୁଛନ୍ତି । ଏହାପୂର୍ବରୁ ବାଚସ୍ପତି ଓ ଗୃହ ବିଭାଗ ନେଇ ବୁଝାମଣା ହୋଇଯିବ ବୋଲି କୁହାଯାଉଛି । ଆସନ୍ତାକାଲି ଏନ୍‌ଡିଏର ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ନେତା ନିର୍ବାଚିତ କରାଯିବାର ସମ୍ଭାବନା ରହିଛି । ଏହାପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ସହିତ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ।

# ଅଲ-ଫଲାହ ପ୍ରତିଷ୍ଠାତାକୁ ଗିରଫ କଲା ଇଡି




ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ଚର୍ଚ୍ଚାରେ ଥିବା ଅଲ୍-ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି । ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ୟୁନିଭର୍ସିଟିର ତିନି ଏମ୍‌ବିବିଏସ ପ୍ରାଧ୍ୟାପକ ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଜଣେ ଆତ୍ମଘାତୀ ସାଜି ନିଜକୁ ଉଡ଼ାଇ ଦେଇ ବିସ୍ଫୋରଣ କରିଥିଲା । ଅଲ-ଫଲାହର ଅନେକ ମେଡିକାଲ ଛାତ୍ର ଏବେ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ସୂଚନା ଅନୁଯାୟୀ ଇସିଆଇଆର ରେକର୍ଡ ଜାଲିଆତି କରିଥିବା ନେଇ ଅଲ-ଫଲାହ ବିରୋଧରେ ଅଭିଯୋଗ ଲାଗିଥିଲା । ଦିଲ୍ଲୀ ପୁଲିସ ଏ ନେଇ ଦୁଇଟି ଏତଲା ରୁଜୁ କରିଥିଲା । ଏହି ମାମଲାରେ ଇଡି ତୁହାକୁ ତୁହା ଚଢ଼ଉ ଜାରି ରଖିଥିଲା । ଯାଞ୍ଚ ଏବଂ ପ୍ରମାଣର ବିଶ୍ଳେଷଣ ଆଧାରରେ ସିଦ୍ଦିକିକୁ ଗିରଫ କରାଯାଇଛି । ଏହା ପୂର୍ବରୁ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଅଲ-ଫଲାହ ୟୁନିଭର୍ସିଟି ସହିତ ଏହାର ଓଖଲା ଅଫିସ ଏବଂ ପ୍ରମୋଟରଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା । ଏହି ୟୁନିଭର୍ସିଟି ୟୁଜିସି ଏବଂ ନାକ୍ ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଥିଲା । ଦିଲ୍ଲୀ କାର୍ ବିସ୍ଫୋରଣକୁ ନେଇ ଯାଞ୍ଚ ଏଜେନ୍ସି ୨୫ଟି ସ୍ଥାନରେ ଚଢ଼ଉ କରିଥିଲା । ଏହି ଗ୍ରୁପ ସହ ୯ଟି ସେଲ୍ ଫାର୍ମ ସାମିଲ ଥିଲା । ସବୁ କମ୍ପାନୀର ଠିକଣା ସମାନ ଥିଲା । ଏବେ ସବୁ କମ୍ପାନୀ ତଦନ୍ତର ପରିସର ଭୂକ୍ତ ହୋଇଛନ୍ତି ।

# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି । ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି । ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି । ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି । ପାକିସ୍ତାନର ଲସ୍କର-ଇ- ତୋଇବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶିଦାବାଦରେ ମୌଳବାଦୀମାନେ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିଥିଲେ । ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଳବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର



ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ‘ପ୍ରାକୃତିକ ବିପର୍ଯ୍ୟୟ’ ଘୋଷଣା କରିବାକୁ କହିଛନ୍ତି । ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ । ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ । ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା । ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ । ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ । ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ । ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ । ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି । ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି । ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି ।

# କେଦାରନାଥରେ ୨୩୦୦ ଟନ୍ ଆବର୍ଜନା, ତଳକୁ ଆଣିବାରେ ଖର୍ଚ୍ଚ ହେବ ୨୫ କୋଟି

ରୁଦ୍ରପ୍ରୟାଗ, ୧୮ ।୧୧(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାସ୍ଥିତ କେଦାରନାଥ୍ ଧାମ୍‌ରେ ଚଳିତ ବର୍ଷ ରେକର୍ଡ ୧୭ ଲକ୍ଷ ୬୮ ହଜାର ଶ୍ରଦ୍ଧାଳୁ ବାବା କେଦାରନାଥ ଦର୍ଶନ କରିଛନ୍ତି । କିନ୍ତୁ ଏମାନେ କେଦାରନାଥ ଧାମ୍‌ରେ ୨୩୦୦ ଟନ୍ ଆବର୍ଜନାର ଏକ ପାହାଡ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଶ୍ରଦ୍ଧାଳୁ ହାରାହାରି ଦେଢ଼ କେଜି ଆବର୍ଜନା ସେଠାରେ ଛାଡି ଆସିଛନ୍ତି । ଗତବର୍ଷ ତୁଳନାରେ ପ୍ରତ୍ୟେକ ଯାତ୍ରୀ ଏଥର ଅଧିକ ୧୫୦ ଗ୍ରାମ୍‌ର ଆବର୍ଜନା ପକାଇଛନ୍ତି । ଏବେ ଏହି ଆବର୍ଜାନ ହିମାଳୟ କ୍ଷେତ୍ରରେ ଅବସ୍ଥିତ ଏହି ଶିବଧାମ୍‌ର ପରିବେଶ ତଥା ପର୍ଯ୍ୟାବରଣକୁ ବିପଦରେ ପକାଇଛି । କିନ୍ତୁ ସେଠାରେ ଏହି ଅବର୍ଜନାକୁ ଜଳାଇବାକୁ ଅନୁମିତ ଦିଆଯାଇନାହିଁ । ୧୦୦ ଟନ୍ ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାରେ ପଡ଼ି ରହିଛି । ଖଚରମାନେ ହିଁ ଏହି ଆବର୍ଜନାକୁ କେଦାରନାଥ ଧାମରୁ ତଳକୁ ଆଣିବେ । ଥରେ ଏକ ଖଚର ୧୦ରୁ ୧୨ କେଜି ଆବର୍ଜାନ ତଳକୁ ଆଣିବାରେ ୧୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏବେ ଏହି ଅବର୍ଜନାକୁ ତଳକୁ ଆଣିବା ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି ।

# ଅନମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): କୂଟନୀତିରେ ଭାରତକୁ ବଡ଼ ସଫଳତା ମିଳିଛି । ମହାରାଷ୍ଟ୍ରର ଏନ୍‌ସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିଛି । ସେ ବୁଧବାର ଭାରତରେ ପହଞ୍ଚିବ । ବର୍ଷେ ହେଲା ଅନ୍‌ମୋଲକୁ ଭାରତ ଆଣିବା ପାଇଁ ମୁମ୍ବଇ ପୁଲିସ ଉଦ୍ୟମ କରୁଥିଲା । ସେହିପରି ଗତ ବର୍ଷ ଏପ୍ରିଲରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ଉପରେ ଗୁଳି ମାଡ଼ ମାମଲାକୁ ନେଇ ମଧ୍ୟ ଅନ୍‌ମୋଲ ୱାଣ୍ଟେଡ ଥିଲା । ବାବା ସିଦ୍ଦିକିଙ୍କ ପୁଅ ଜିସାନ ସିଦ୍ଦିକି କହିଛନ୍ତି ଯେ ଅନ୍‌ମୋଲ ଆମେରିକାକୁ ଆସୁଛି ବୋଲି ତାଙ୍କୁ ସୂଚନା ମିଳିଛି । ଏବେ ସେ ଆଉ ଆମେରିକାରେ ନାହିଁ । ଭାରତ ଅଣାଯାଇ ତା ବିରୋଧରେ ଟ୍ରାଏଲ ହେବ ବୋଲି ଆଶା । ପୂର୍ବରୁ କାନାଡ଼ାରେ ଅନମୋଲକୁ ଅଟକ ରଖାଯାଇଥିବା କୁହାଯାଉଥିଲା । ଏଠାରୁ ତା’ ନିକଟରୁ ରୁଷ୍‌ର ଜାଲ୍ ପାସପୋର୍ଟ ମିଳିଥିଲା ।



ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ନାହିଁ



ଭୁବନେଶ୍ୱର,୧୮ ।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ । ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି । ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ । ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ । ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ ।

■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

# ଝାରସୁଗୁଡ଼ାରୁ ଧରାପଡ଼ିଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮ ।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ (୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬) । ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି । ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି । ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି । ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି ।

ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ । ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ । ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ । ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ । ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ । ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ । ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ । ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି । ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି । ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି ।



୬୧ ପାସ୍‌ବୁକ, ୪୧ ଏଟିଏମ୍, ୯୦ ମୋବାଇଲ ଫୋନ ଜବତ

# ରାଜ୍ୟରେ ହେବ ୪ ନୂଆ ତହସିଲ

ଭୁବନେଶ୍ୱର,୧୮ ।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ । ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ । ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ । ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି । ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି । ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି । ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି । ଏହି ପ୍ରସ୍ତାବରେ ନିର୍ବାଚିତ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରି ଜନସାଧାରଣଙ୍କ ପାଇଁ ଭୌଗୋଳିକ ନିକଟତା ଏବଂ ପ୍ରଶାସନିକ ସେବା ପ୍ରଦାନର ସୁବିଧାକୁ ଧ୍ୟାନ ଦେବାକୁ କୁହାଯାଇଛି । ଏହାସହିତ ପ୍ରସ୍ତାବିତ ତହସିଲ ପାଇଁ କର୍ମଚାରୀଙ୍କ ଆବଶ୍ୟକତା, ଆର୍ଥିକ ପ୍ରଭାବ ମତାମତ ସହିତ ୭ ଦିନ ମଧ୍ୟରେ ସମ୍ପୃକ୍ତ ଆରଡିସି ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିବାକୁ କୁହାଯାଇଛି ।

# ଠକ ଅଜିତ୍ ସହ ଆଇଏଏସ୍ ଅଧିକାରୀଙ୍କ ଘନିଷ୍ଠ ସମ୍ପର୍କ!

ଭୁବନେଶ୍ୱର, ୧୮ ।୧୧(ସମିସ): ଜିଏସ୍‌ଟି ରେଡ୍‌ରୁ ବଞ୍ଚାଇବା ପାଇଁ ୧୮ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣାରେ ଅଜିତ୍ କୁମାର ପାତ୍ର ଓ ତାର ସହଯୋଗୀ ମିକୁଲାଲ୍ ଜୈନଙ୍କ ଗିରଫ ପରେ ଅନେକ ଅଫିସରଙ୍କ ମନରେ ପଶିଛି ଛନକା । ଏହି ସର୍ବଭାରତୀୟ ଠକ ସହ ରାଜ୍ୟର ଅନେକ ବରିଷ୍ଠ ଅଫିସରଙ୍କ ସମ୍ପର୍କର ସୂତ୍ର ସିବିଆଇ ହାତରେ ଲାଗିଥିବା କୁହାଯାଉଛି ଏବଂ ଜଣେ ସଚିବସ୍ତରୀୟ ଅଧିକାରୀଙ୍କ ସହ ତାଙ୍କ ଘନିଷ୍ଠ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ସିବିଆଇ ଜାଣିବାକୁ ପାଇଛି । ସମ୍ପୃକ୍ତ ଅଧିକାରୀ ବଲାଙ୍ଗୀର ଜିଲ୍ଲାରେ ଜମିବାଡ଼ି କିଣାରେ ଅଜିତ୍ ମଧ୍ୟସ୍ଥତା କରିଥିବା ସିବିଆଇ ସୂଚନା ପାଇଛି । ଏ ସମ୍ପର୍କରେ ସିବିଆଇ ଡିଜିଟାଲ୍ ପ୍ରମାଣ ଯୋଗାଡରେ ଲାଗିଛି ଓ ଖୁବ୍ ଶୀଘ୍ର ତାଙ୍କୁ ଜେରା ଲାଗି ନୋଟିସହୋଇପାରେବୋଲି ଏହିସୂତ୍ରରୁଜଣାପଡ଼ିଛି ।

ସମ୍ପୃକ୍ତ ଅଧିକାରୀ ଜଣକ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଅଜିତ ତାଙ୍କର ପାଖଲୋକ ଭାବରେ ପରିଚିତ ଥିଲା । ତାଙ୍କ ମାଧ୍ୟମରେ ସେ ଆହୁରି ଅନେକ ଆଇଏଏସ୍ ଓ ଓଏଏସ୍‌ଙ୍କ ପାଖଲୋକ ହୋଇ ପାରିଥିଲା । ବଲାଙ୍ଗିର ଜିଲ୍ଲାରେ ଜମି କିଣିଥିବା ଏହି ଅଧିକାରୀମାନଙ୍କୁ ଅଜିତ୍ ସହଯୋଗ କରିଥିଲା । ସମ୍ପୃକ୍ତ ଅଧିକାରୀ ପାଟଣାଗଡ଼ ଓ ଟିଟିଲାଗଡ଼ରେ ନିଜର ସମ୍ପର୍କିୟଙ୍କ ନାମରେ ବହୁ ଜମି କିଣିଛନ୍ତି ଏବଂ ଏଥିରେ ଅଜିତ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଜମି କିଣାବିକାରୁ କୋଟିକୋଟି ଟଙ୍କା ରୋଜଗାର କରିବା ସହିତ ନିଜ ନାମରେ ମଧ୍ୟ କିଛି ପ୍ଲଟ୍ କିଣିଥିଲା । ବ୍ୟାପକ କଳା ଟଙ୍କା କାରବାର କରିବାରେ ସେ ପ୍ରମୁଖ ମାଧ୍ୟମ ସାଜିବା ସହ ବାବୁଙ୍କ ପାଖଲୋକ ଭାବେ ବିଭିନ୍ନ ଅଫିସରେ ପତିଆରା ପ୍ରଦର୍ଶନ କରୁଥିଲା । ଏପରିକି ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବା ଦାୟିତ୍ୱ ଅଜିତ ନିଜେ ନେଉଥିଲା କିମ୍ବା ତା ସୁପାରିଶ କ୍ରମେ ହିଁ ଅନ୍ୟ ସଂସ୍ଥାକୁ କାମ ଦିଆଯାଉଥିଲା ।

ଆମ୍ବାସଡ଼ାର ଗାଡ଼ି ଭଡ଼ାରୁ ନିଜ ବ୍ୟବସାୟିକ ଜୀବନ ଆରମ୍ଭ କରିଥିବା ମାଟ୍ରିକ ପଢୁଆ ଅଜିତ ନିଜ ଜାଲରେ ବରିଷ୍ଠ ଅଧିକାରୀଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା । ତାଙ୍କ ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ନେତାଙ୍କ ଭିଡ଼କୁ ଏହାର ପ୍ରମାଣ ବୋଲି ମନେ କରୁଛି ସିବିଆଇ । ସବୁ ସୂତାଖିଅକୁ ଯୋଡ଼ି ସିବିଆଇ ଅଜିତ୍ ବିରୋଧରେ ପ୍ରମାଣ ଏକାଠି କରୁଛି । ଏହା ସହ କେଉଁ କେଉଁ ଅଧିକାରୀଙ୍କ ସହ ତାହାର ଘନିଷ୍ଠତା ଥିଲା, ଲୋକଙ୍କୁ ଠକିବାରେ ସେ କିପରି ନକ୍ସା ପ୍ରସ୍ତୁତ କରୁଥିଲା ତାହାର ଅନୁସନ୍ଧାନ ସହ ଅଜିତ୍‌ର ବ୍ୟାଙ୍କ କାରବାର ସମ୍ପର୍କରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି । ଏହା ସହ ଅଜିତ୍ ନାମରେ ଥିବା ୨୬ଟି ପ୍ଲଟ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ସମ୍ପୃକ୍ତ ସଚିବସ୍ତରୀୟ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି କୁହାଯାଉଛି ।

■ ସିବିଆଇ ସ୍କାନରରେ ସରକାରଙ୍କ ବରିଷ୍ଠ ଅଧିକାରୀ
■ ବଲାଙ୍ଗିର ଜମି କିଣା ମାମଲାରେ ହୋଇପାରେ ଜେରା

କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୧୮ ।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) । ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି ।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା । ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା । ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା । ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା । ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା । ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା ।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା । ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍‌ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା । ଏନ୍‌ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା । ଏନ୍‌ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ । ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା । କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍‌ଆଇଏ । ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍ । ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ।

ନିଯୁକ୍ତି ପ୍ରଲୋଭନ ଦେଖାଇ ଦେହ ବେପାର

ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ


ପୁରୀ,୧୮ ।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା । ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି । ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି । ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି । ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି । ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି । ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି । କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି । କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ । ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ । ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ । ଏଭଳି ଆଶଙ୍କା ଦେଖାଦେଇଛି ।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି । ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ । ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା । ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା । ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ । ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି । ପାଖାପାଖି ୩୦ପ୍ରତିଶତ ଧାନ କଟା ହେଲାଣି । ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ । ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି । ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି ।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି । ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ । ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି । ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି । ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି । ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି । ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି ।

### ୧୨ବର୍ଷ ଚାକିରି ପରେ ବି ଛଟେଇ

# ଇଚ୍ଛାମୃତ୍ୟୁ ଆବେଦନ କଲେ ଆଇଟିଆଇ ଅତିଥି ପ୍ରଶିକ୍ଷକ

ଛତ୍ରପୁର,୧୮ ।୧୧(ସମିସ)

ଦୀର୍ଘ ୧୨ ବର୍ଷ ସରକାରୀ ଆଇଟିଆଇରେ କାର୍ଯ୍ୟ କରି ମଧ୍ୟ ନିୟମିତ କର୍ମଚାରୀର ମାନ୍ୟତା ପାଇଲେ ନାହିଁ । ଶେଷରେ କାର୍ଯ୍ୟରୁ ଛଟେଇ କରି ଦିଆଗଲା । ତେଣୁ ହତାଶ ହୋଇ ରାଷ୍ଟ୍ରପତିଙ୍କ ନିକଟକୁ ଇଚ୍ଛା ମୃତ୍ୟୁ ଆବେଦନ କଲେ ।



**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆବେଦନପତ୍ର**

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି । ରାଷ୍ଟ୍ରପତିଙ୍କୁ ଏନେଇ ଏକ ପତ୍ର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ମାଧ୍ୟମରେ ପଠାଇଛନ୍ତି ।

ଛତ୍ରପୁର ସ୍ଥିତ ସରକାରୀ ଆଇଟିଆଇରେ ଦୀର୍ଘ ୧୨ ବର୍ଷ ଧରି ଅତିଥି ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ଅରୁଣ କୁମାର ବେହେରା । ନିୟମିତ କର୍ମଚାରୀର ମାନ୍ୟତା ପାଇଁ ନିଜ ବିଭାଗ ସମେତ ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏନେଇ ଅବଗତ କରାଇଥିଲେ । ତେବେ କୌଣସି ସୁଫଳ ମିଳିଲାନି । ଏବେ ଚାକିରିରୁ ଛଟେଇ ହେବା ପରେ ମାନସିକ ଭାବେ ଆଘାତ ପାଇବା ପରେ ଶେଷରେ ଇଚ୍ଛାମୃତ୍ୟୁ ପରି ଏକ ଚରମ ନିଷ୍ପତିକୁ ଆପଣାଇଛନ୍ତି । ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି ଅରୁଣ । ସରକାରୀ ନିୟମ ଅନୁସାରେ ଜଣେ ଠିକା ଶ୍ରମିକ ବର୍ଷକୁ ୨୪୦ ଦିନ ଏବଂ ପ୍ରତିଦିନ ୮ ଘଣ୍ଟା ଡିୟୁଟି କଲେ ନିୟମିତ ହେବାର ପ୍ରାବଧାନ ରହିଛି । ସେହିପରି ସରକାରୀ ଠିକା ନିଯୁକ୍ତି କ୍ଷେତ୍ରରେ ଜଣେ ବ୍ୟକ୍ତି ବର୍ଷକୁ ୯୦ ଦିନ କାର୍ଯ୍ୟ କଲେ ନିୟମିତ ହୋଇପାରିବ । ତେବେ ଦୀର୍ଘ ୧୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ମଧ୍ୟ ଛଟେଇ କରାଯାଇଥିବା ଅଭିଯୋଗ କରିଛନ୍ତି ଅରୁଣ । ବର୍ତ୍ତମାନ ଅରୁଣଙ୍କ ଉପରେ ପୁରା ପରିବାର ନିର୍ଭର କରୁଛନ୍ତି । ରୋଜଗାରର ଅନ୍ୟକିଛି ପନ୍ଥା ନପାଇ ବାଧହୋଇ ଇଚ୍ଛା ମୃତ୍ୟୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଶିଳ୍ପ ତାଲିମ ଅନୁଷ୍ଠାନରେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସିଥିବା ଅତିଥି ପ୍ରଶିକ୍ଷକମାନଙ୍କୁ ବିନା କାରଣରେ ଛଟେଇ କରାଯାଇଥିବାରୁ ସେମାନେ ମଧ୍ୟ ଏପରି ଚରମ ନିଷ୍ପତ୍ତି ନେଇଥିବା ହିମାଂଶୁ ଶେଖର ବେହେରା, ତୁମ୍ବନାଥ ବେହେରା, ଜ୍ଞାନ ରଞ୍ଜନ ନାୟକ ଓ ବି. ଚନ୍ଦ୍ର ଶେଖର ରାଓ ସେମାନେ କହିଛନ୍ତି ।

## ପିଲାଙ୍କ ନାମ ଲେଖାଇବାକୁ ପାହାଡ଼ ଚଢ଼ିଲେ ଶିକ୍ଷାଧିକାରୀ



ପାତ୍ରପୁର,୧୮ ।୧୧(ସମିସ): ଅଧାରୁ ପାଠ ବନ୍ଦ କରିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇନଥିବା ସେହିଭଳି ୧୮ରୁ କମ୍ ବୟସର ପିଲାଙ୍କୁ ଶିକ୍ଷାସ୍ରୋତରେ ସାମିଲ କରାଇବା ପାଇଁ ଆରମ୍ଭ ହୋଇଛି "ଚାଇଲ୍ଡ ଟ୍ରାକିଙ୍ଗ୍ ଲାଇନ୍' । ଏହି କ୍ରମରେ ଗଂଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ମଧ୍ୟ ଶିକ୍ଷାରୁ ବଞ୍ଚିତ ଥିବା ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଯାଇଛି । ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ପୃଷ୍ଟି, ପାତ୍ରପୁର ସିଆର୍‌ସିସି, ପ୍ରଶାନ୍ତ କୁମାର ଦାସ, ବିଜୟ ବେହେରା, ଦୟାନିଧି ବେହେରା ପ୍ରମୁଖ ମାଦୁକାବାଡ଼, ମାଣ୍ଡିଆଗୁଣ୍ଡୁ, ଜାଡ଼ିମହୁଲ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରାୟ ୫ କିଲୋମିଟର ପାହାଡ଼ିଆ ରାସ୍ତା ଅତିକ୍ରମ କରି ଅଭିଭାବକଙ୍କ ସହ ମିଶି ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇଛନ୍ତି । କାର୍ଯ୍ୟକ୍ରମରେ ବିଆର୍‌ସିସି ସିମାଞ୍ଚଳ ପାଇକ, ଏବିଓ ଜି. ଭୀମାରାଓ, ଆର. ଚେନ୍ନୋୟା ସେଠୀ, ସମସ୍ତ ସିଆର୍‌ସିସି, ପ୍ରାଧନ ଶିକ୍ଷକ, ଶିକ୍ଷକ ପ୍ରମୁଖ ଏକାଧିକ ଟିମ୍ ହୋଇ ବିଭିନ୍ନ ଅଞ୍ଚଳ ଯାଇଥିବା ଜଣାପଡ଼ିଛି ।

## ବିଧବାଙ୍କୁ ପ୍ରତାରଣା; ଯୁବକ ଗିରଫ

ବ୍ରହ୍ମପୁର,୧୮ ।୧୧(ସମିସ): ଜଣେ ବିଧବା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘବର୍ଷ ଧରି ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା ଅଭିଯୋଗରେ ଜଣେ ଯୁବକଙ୍କୁ ବଡବଜାର ଥାନା ପୁଲିସ ଗିରଫ କରିଛି । ସେ ହେଲେ କୁଠାରୀ ମନ୍ଦିର ସାହିର ପ୍ରମୋଦ କୁମାର ନାୟକ(୩୩) । ବଡ଼ବଜାର ଅଞ୍ଚଳର ଜଣେ ବିଧବା ମହିଳାଙ୍କ ସହ ପ୍ରମୋଦଙ୍କ ସମ୍ପର୍କ ଗଢି ଉଠିଥିଲା । ସେ ପ୍ରମୋଦ ମହିଳାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ କିଛି ବର୍ଷ ହେବ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ହେଲେ କିଛିଦିନ ତଳେ ବିବାହ ପାଇଁ ମନା କରି ଦେଇଥିଲେ । ପ୍ରତାରଣାର ଶିକାର ହେବା ପରେ ମହିଳା ଜଣଙ୍କ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଆଜି ପ୍ରମୋଦଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରିଥିଲା ।

## ଋଷିକୁଲ୍ୟା ମୁହାଁଣରେ ଅଲିଭ ରିଡ୍‌ଲେଙ୍କ ସମାଗମ

ଗଞ୍ଜାମ,୧୮ ।୧୧(ସମିସ): ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଁଣରେ ସାମୁଦ୍ରିକ କଇଁଛ ଅଲିଭ ରିଡଲେ ସମାଗମ ହୋଇଛି । ମଙ୍ଗଳବାର ସାମୁଦ୍ରିକ କଇଁଚଙ୍କ ସୁରକ୍ଷା ନେଇ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଋଷିକୁଲ୍ୟା ନଦୀରୁ ପ୍ରୟାଗି ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଉଥିବା ବେଳେ ସମୁଦ୍ରର ନୀଳଜଳ ରାଶିରେ ଅଲିଭ୍ ରିଡଲେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଥିଲା । ନଭେମ୍ବର ପହିଲାରୁ ମଇ ମାସ ପର୍ଯ୍ୟନ୍ତ ଋଷିକୁଲ୍ୟା ମୁହାଁଣ ଅଞ୍ଚଳକୁ ନୋ-ଫିସିଂ ଜୋନ ଭାବେ ବନ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ରହିଥିବା ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମ ମାନଙ୍କରେ ଅଲିଭ ରିଡଲେଙ୍କ ସୁରକ୍ଷା ନେଇ ସଚେତନ କରାଯାଉଛି ।

## ସମବାୟ ବିଭାଗ ପକ୍ଷରୁ ଗଣଦୌଡ଼



ଆସିକା,୧୮ ।୧୧(ସମିସ): ଭାରତୀୟ ସମବାୟ ସପ୍ତାହ ଅବସରରେ ସମବାୟ ବିଭାଗ ସହକାରୀ ନିବନ୍ଧକ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀ ବିଜୟ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୁଳ ମଣି ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ସ୍ଥାନୀୟ ଏଆରସିଏସ କାର୍ଯ୍ୟାଳୟ ଠାରୁ ଗଣ ଦୌଡ଼ ଆରମ୍ଭ ହୋଇ ଲକ୍ଷ୍ମୀ ବଜାର, କଳିଙ୍ଗ ରୋଡ, ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ସମ୍ପାଦକ ନାରାୟଣ ମାଢେଇ, ଏମପିସିଏସର ସଭାପତି କାର୍ତ୍ତିକେଶ୍ୱର ପରିଡା, ସହକାରୀ ନିବନ୍ଧକ ବିଜୟ ସାହୁ, ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତହସିଲ କାର୍ଯ୍ୟାଳୟର ସନ୍ତୋଷ ପ୍ରଧାନ, ବଡ଼ଖୋଲିର ଡିଇଓ କାହ୍ନୁଚରଣ ଗୌଡ଼, ରାଇବନ୍ଧ ସେବା ସମବାୟ ସମିତି ସମ୍ପାଦକ ଅଶୋକ ତ୍ରିପାଠୀ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ ମେଳା

ଆସିକା,୧୮ ।୧୧(ସମିସ): ଆସିକା ହରି ହାଇସ୍କୁଲ ପରିସରରେ ସମଗ୍ର ଶିକ୍ଷା ଓ ଓସେପା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ମୁନୁରାଣୀ ମହାନ୍ତି ଏହାକୁ ସଂଯୋଜନା କରିଥିଲେ । ଏବିଇଓ ବିଭୁ ନନ୍ଦନ ପଣ୍ଡା, ହରିହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଆସିକା ବ୍ଲକର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଆଣି ଥିଲେ ଛାତ୍ର ଛାତ୍ରୀ । ଆସିକା ବ୍ଲକର ଉପାଧ୍ୟକ୍ଷା ରେଶମା ଦୋରା, ସଂଗୀତ ପାଢ଼ୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ପାତ୍ର, ଜଗଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ହରିହର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି, ଏନ ଏ ସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ ପଣ୍ଡା, ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ସ୍ଥାପନ

ପାତ୍ରପୁର, ୧୮ ।୧୧(ସମିସ): ପାତ୍ରପୁର ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଙ୍ଗଳବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କରିଛନ୍ତି । ପ୍ରଥମେ ପଦାଦିଗି ଗ୍ରାମରେ ବିଧାୟକ ସାମନ୍ତରା, ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ପାତ୍ରପୁର ବ୍ଲକ୍ ଅଧ୍ୟକ୍ଷା ୱାଇ. ସଂଯୁକ୍ତା ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ପଦାଦିଗି ଗ୍ରାମର ବଗି ନାଳ ଉପରେ ନିର୍ମାଣ ହୋଇଥିବା ସେତୁର ଉଦ୍‌ଘାଟନ କରିଥିଲେ ବିଧାୟକ । ଏହାପରେ ଖରଣୀପଡା ହାଇସ୍କୁଲ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହିଭଳି ଅପରାହ୍ନରେ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ



ମହୁଲପଡା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି । କାର୍ଯ୍ୟକ୍ରମରେ ପାତ୍ରପୁର ବ୍ଲକ୍‌ର ବହୁ ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀ ସମ୍ବିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ପିତବାସ ନାୟକଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ ।

## ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ**



କୁକୁଡାଖଣ୍ଡି,୧୮ ।୧୧(ସମିସ): ସଦର ଥାନା ଅଧୀନସ୍ଥ ଅଙ୍କୁଶପୁର ସ୍ଥିତ ଲକ୍ଷ୍ମୀବିହାର ଅଞ୍ଚଳରୁ ମଙ୍ଗଳବାର ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରିଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନି । ସଦର ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଯୋଗାଯୋଗ କରିଥିଲା । ମୃତଦେହ ଚାରି ପାଞ୍ଚ ଦିନରୁ ଉକ୍ତ ସ୍ଥାନରେ ପଡିରହିଥିବା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରୁଛନ୍ତି । ମୃତଦେହ ନିକଟରୁ ପ୍ୟାଣ୍ଟ, ଗାମୁଛା, ଓ ସିମ୍ କାର୍ଡ ଓପେନ୍ ପିନ୍ ସହିତ ଏକ କାଗଜ ଜବତ ହୋଇଛି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି । ରିପୋର୍ଟ୍ ଆସିଲେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ସବ୍ ଇନ୍ସପେକ୍ଟର ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି । ଏପର୍ଯ୍ୟନ୍ତ କେହି ମୃତବ୍ୟକ୍ତିଙ୍କ ଦାବିଦାର ଆସିନାହାନ୍ତି । ତେଣୁ ନିକଟସ୍ଥ ଥାନା ମାନଙ୍କୁ ମଧ୍ୟ ମୃତବ୍ୟକ୍ତିଙ୍କ ଡ୍ରେସ୍ ଓ ପ୍ୟାଣ୍ଟର ଫୋଟୋ ପଠାଇ ପରିଚୟ ପ୍ରୟାସ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି ।

## ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ଛତ୍ରପୁର,୧୮ ।୧୧(ସମିସ): ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନୀକ ପ୍ରଦର୍ଶନୀ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ପ୍ରଦର୍ଶନୀ ବୁଲି ଦେଖିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏବିଇଓ ସଂଯୁକ୍ତା ରଥ, ଛତ୍ରପୁର



ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଯାଦବ, ନୋଡାଲ ଅଫିସର ତଥା ଟାଙ୍ଗଣାପଲ୍ଲୀ ଏସଏନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ବିପୁଲିଙ୍ଗି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାକର ପଣ୍ଡା, କେ. ଚନ୍ଦ୍ର ଶେଖର ରେଡ୍ଡୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ୪୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୪ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଆଣିଥିବା ୧୪୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ବିଚାରକ ଭାବେ ବ୍ରହ୍ମପୁର ସିଟି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର, ଡୁରା କଲେଜର ଅଧ୍ୟାପିକା ଡ଼ଃ ଉଷାରାଣୀ ବ୍ରହ୍ମା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିରଣ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ । ବିଜ୍ଞାନ ଶିକ୍ଷକ ରଶ୍ମି ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମସ୍ତ ସିଆରସିସି ମାନେ ସହଯୋଗ କରିଥିଲେ ।

## ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ କର୍ମଶାଳା

ରଙ୍ଗେଇଲୁଣ୍ଡା,୧୮ ।୧୧(ସମିସ): ମଙ୍ଗଳବାର ଟାଟା ଷ୍ଟିଲ ଫାଉଣ୍ଡେସନ ରିସ୍ତା ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ପ୍ରଶାସନର ମିଳିତ ଉଦ୍ୟମରେ ବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ବ୍ଲକ ପରିସରସ୍ଥ ସଦଭାବନା ଗୃହରେ ବିଇଓ ଦେବେନ୍ଦ୍ର ବେହେରାଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ୩୬ବିଦ୍ୟାଳୟର ୫୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ସ୍ୱାସ୍ଥ୍ୟବୃଦ୍ଧି, ଲିଙ୍ଗଗତ ସମାନତା ଓ ବିଭିନ୍ନ ବିଷୟବସ୍ତୁ ଉପରେ ସଚେତନ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏ ଅବସରରେ ଏବିଇଓ ସୁକାନ୍ତ କୁମାର ଜେନା, ରିସ୍ତା ପ୍ରକଳ୍ପ ଅଧିକାରୀ ଆର ଜ୍ୟୋତିଲକ୍ଷ୍ମୀ ରେଡ୍ଡୀ, ସସ୍ମିତା ପ୍ରଧାନ, କାମାରାଜୁ ଭୂୟାଁ, ପୂଜା ନାୟକ, ବି ପଦ୍ମାବତୀ ରେଡ୍ଡୀ, ଜସ୍ମିନ ପ୍ରଧାନ, ସୁଜାତା ମହାରଣା ଓ ଅନ୍ୟାନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ବ୍ରହ୍ମପୁର,୧୮ ।୧୧(ସମିସ): ଗଞ୍ଜାମ ଜିଲ୍ଲା ଓ ଦୌରାଜଜ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ପାତ୍ରପୁର ବ୍ଲକ ଅଧୀନ ଓଡିଶା ଆଦର୍ଶ ବିଦ୍ୟାଳୟ,ବାଦପୁର ପରିସରରେ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବାଧ୍ୟତାମୂଳକ ଶିକ୍ଷା, ମୌଳିକ ଅଧିକାର, ପୋକସୋ ଆକ୍ଟ, ପୋସ ଆକ୍ଟ, ଜେଜେ (ସିପିସି)ଆକ୍ଟ ଉପରେ ଆଲୋଚନା ହୋଇଥଲା । ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଉପାଧ୍ୟକ୍ଷା ସଞ୍ଜୁବାଳା ନାୟକ କୁ ସହଯୋଗ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟକୁମାର ମଲ୍ଲିକ । ସହକାରୀ ଶିକ୍ଷକ ରାଜୀବ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ପାତ୍ରପୁର କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୌତୁକ ପାଇଁ ମହିଳାଙ୍କୁ ଆକ୍ରମଣ; ସ୍ୱାମୀ ଓ ଦେଢ଼ଶ୍ୱୁର ଗିରଫ

ବ୍ରହ୍ମପୁର,୧୮ ।୧୧(ସମିସ): ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ମହିଳାଙ୍କ ସ୍ୱାମୀ ଜନାର୍ଦ୍ଦନ ମହାଙ୍କୁଡ(୩୮) ଓ ଦେଢଶୂର ହୀନ ମହାଙ୍କୁଡ(୪୨) । ଜ୍ୟୋତ୍ସ୍ନା ମହାଙ୍କୁଡ ନାମକ ଜଣେ ମହିଳା କିଛିବର୍ଷ ତଳେ ବାଙ୍କିଆପଲ୍ଲୀର ଜନାର୍ଦ୍ଦନ ମହାଙ୍କୁଡକୁ ବିବାହ କରିଥିଲେ । ତାଙ୍କ ଶାଶୂଘର ଲୋକେ ଅନେକ ସମୟରେ ଅଧିକ ଯୌତୁକ ଦାବି କରିଥିଲେ । କିଛିଦିନ ତଳେ ଜ୍ୟୋତ୍ସ୍ନା ଘରେ ଥିବାବେଳେ ଦେଢ଼ଶ୍ୱୁର, ନଣଦ ଆସି ସ୍ୱାମୀଙ୍କ ଉପସ୍ଥିତିରେ ଅଧିକ ଯୌତୁକ ଦାବି କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ତାଙ୍କ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା । ଏଥିରେ ଜ୍ୟୋତ୍ସ୍ନା ଆହତ ହେବା ସହ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆଜି ଅଭିଯୁକ୍ତ ଜନାର୍ଦ୍ଦନ ଓ ହୀନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନିରାଶ ହିତାଧିକାରୀ



ଆସିକା,୧୮ ।୧୧(ସମିସ): ଗତ ତିନିଦିନ ହେଲା ଭତ୍ତା ଟଙ୍କା ପାଇଁ ଦୌଡ଼ି ଦୌଡ଼ି ନିରାଶ ହେଲେଣି ହିତାଧିକାରୀ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କାଳଷଣ୍ଢପୁର ପଞ୍ଚାୟତରୁ । ପ୍ରାୟ ଶତାଧିକ ବୃଦ୍ଧବୃଦ୍ଧା ଆସି ନିରାଶ ହୋଇ ଫେରିଛନ୍ତି । ହେଲେ କ'ଣ ପାଇଁ ସେମାନଙ୍କୁ ଏପରି ନିରାଶ କରାଯାଇଛି ତାହା ସ୍ପଷ୍ଟ ହେଉନି । ସରକାର ପରିବର୍ତ୍ତନ ପରେ ଠିକ ସମୟରେ ମିଳୁନି ଭତ୍ତା ଟଙ୍କା । ଏନେଇ ବିଡିଓ ଲିପିନା ଦାସ କହିଛନ୍ତି, ପ୍ରତ୍ୟେକ ପଞ୍ଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବଦଳି କରାଯାଇଛି । ସେହି କର୍ମଚାରୀ କେତେକ ପଞ୍ଚାୟତରେ ଦାୟିତ୍ୱ ନେଇନାହାନ୍ତି । କର୍ମଚାରୀମାନେ ଯୋଗଦେବା ପରେ ଖୁବଶୀଘ୍ର ହିତାଧିକାରୀ ଭତ୍ତା ଟଙ୍କା ପାଇବେ ।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ଛତ୍ରପୁର,୧୮ ।୧୧(ସମିସ): ଛତ୍ରପୁର ଥାନା ଅଧିନ ଜାତୀୟ ରାଜପଥ ଭାଗ୍ୟଲକ୍ଷ୍ମୀ ଠାରେ ଦୁଇ ସ୍କୁଟି ଚାଳକ ଭାରସ୍ୟାମ ହରାଇ ପଡ଼ିବାରୁ ଗୁରୁତର ହୋଇଛନ୍ତି । ଆହତ ଦୁଇ ଜଣ ହେଲେ ବ୍ରହ୍ମପୁର ଅଞ୍ଚଳର ତ୍ରିନାଥ ଶତପଥି ଓ ଉପେନ୍ଦ୍ର ଦାସ । ଏହି ଦୁଇ ଜଣ ଗଞ୍ଜାମ ବ୍ଲକ ଏକ ଅଞ୍ଚଳରୁ ପ୍ଲମ୍ବର କାମ ସାରି ଏକ ସ୍କୁଟି ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥ କଡରେ ଥିବା ଡିଭାଇଡର ସହ ଧକ୍କା ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଉଭୟ ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ପୁଲିସ ମେଡିକାଲରେ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

**ରାମାୟଣ ନାଟକରେ ନଗ୍ନଦୃଶ୍ୟ ପରିବେଷଣ**

# ଥାନାରେ ଅଭିଯୋଗ କଲା ନାଟ୍ୟ ନିର୍ଦ୍ଦେଶକ ସଂଘ

ଦିଗପହଣ୍ଡି,୧୮ ।୧୧(ସମିସ)

ଦିଗପହଣ୍ଡି ଥାନା ଅନ୍ତର୍ଗତ ମୌଳାଭଞ୍ଜା ଗ୍ରାମରେ ରାମାୟଣ ନାଟକରେ ଅଶ୍ଳୀଳତା ସମ୍ପର୍କିତ ଖବର ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ ପରେ ବୁଦ୍ଧିଜୀବୀ ଓ ବିଭିନ୍ନ ନାଟ୍ୟ ସଂସ୍ଥା ସମେତ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପାଇଛି । ଏହି ମଙ୍ଗଳବାର ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ପକ୍ଷରୁ ଦିଗପହଣ୍ଡି ଥାନାରେ ଏତଲା ଦିଆଯାଇଛି । ରାମାୟଣ ଓ ମହାଭାରତ ଧର୍ମଗ୍ରନ୍ଥ ଭାରତୀୟ ହିନ୍ଦୁ ଧର୍ମ ପରମ୍ପରା ଓ ଜୀବନ ଦର୍ଶନ ସହ ଜଡିତ । କିନ୍ତୁ ମୌଳାଭଞ୍ଜା ଗ୍ରାମର ପରିବେଷଣ ହୋଇଥିବା ନାଟକରେ ବେଦମତୀ ହରଣ ଓ ସୀତା ଚୋରିର ନଗ୍ନ ଦୃଶ୍ୟ ଅଶ୍ଳୀଳତାର



ଚରମସୀମାରେ ପହଞ୍ଚିଛି ବୋଲି ଏତଲାରେ ଦର୍ଶାଯାଇଛି । ଏଣୁ ମୌଳାଭଞ୍ଜା ଗ୍ରାମରେ ଚିକିଲି ଓ ଜିଉରା ଗ୍ରାମର ଦୁଇ ନାଟ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ (ମାଷ୍ଟର), ରାବଣ ଚରିତ୍ରରେ ଅଭିନୟ କରୁଥିବା କଳାକାର ଓ ଗ୍ରାମର ପ୍ରମୁଖ ଆୟୋଜକ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନାଟ୍ୟ ସଂଘର ସଭାପତି ରାଜଗୋପାଳ ପାଢ଼ୀ ଦାବି କରିଛନ୍ତି । ଏତଲାକୁ ଗ୍ରହଣ କରି ଆଇଆଇସିଙ୍କ ଅନୁପସ୍ଥିତିରେ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ଥାନା ମାମଲା ନଂ.୪୧୯/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଇନଜୀବୀ ପରେଶ ଚନ୍ଦ୍ର ରଥ ଅଭିଯୋଗକାରୀଙ୍କ ଏଭଳି ପଦକ୍ଷେପକୁ ସମର୍ଥନ ଜଣାଇବା ସହ ନାଟ୍ୟ ଅନୁଷ୍ଠାନ ଗୁଡିକରେ ଏଭଳି ଅପସଂସ୍କୃତି ଉପରେ ଲଗାମ ଲଗାଯାଉ ବୋଲି ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂଘ ର ଅନ୍ୟ କର୍ମକର୍ତ୍ତା ସୁଶାନ୍ତ ପଟ୍ଟନାୟକ, ସପ୍ନେଶ୍ୱର ପ୍ରଧାନ, ଅରୁଣ କୁମାର ପଣ୍ଡା ପ୍ରମୁଖ କର୍ମକର୍ତ୍ତା ଏତଲା ଦେବା ସମୟରେ ଉପସ୍ଥିତ ଥିଲେ । ଏଭଳି ଘଟଣା ସମ୍ପର୍କରେ ସେମାନେ ଅବଗତ ଅଛନ୍ତି, ଏହା ଉପରେ ଅନୁସନ୍ଧାନ ଚାଲିଛି ବୋଲି ଦିଗପହଣ୍ଡି ଭାରପ୍ରାପ୍ତ ଆଇ. ଆଇ. ସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଚୋରି ସୁନା ଅଳଙ୍କାର ମାଲିକଙ୍କୁ ଫେରାଇଲା ପୁଲିସ



ବ୍ରହ୍ମପୁର,୧୮।୧୧(ସମିସ): ଗୋପାଳପୁର ପୁଲିସ ବେଳାଭୂମିରେ ହଜିଥିବା ଏକ ଭ୍ୟାନିଟ ବ୍ୟାଗ ସହ ୮ ତୋଳା ସୁନା ଅଳଙ୍କାର ମାଲିକକୁ ହସ୍ତାନ୍ତର କରିଛି। ସୂଚନାପ୍ରକାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ନୂଆଁଗାଁର ଚନ୍ଦ୍ରକାନ୍ତ ସାହୁ ତାଙ୍କ ପରିବାର ସହ ଗୋପାଳପୁର ବେଳାଭୂମିକୁ ଗତମାସ ୨୬ ତାରିଖରେ ବୁଲିବାକୁ ଆସିଥିଲେ। ବେଳାଭୂମିରେ ଭ୍ୟାନିଟ ବ୍ୟାଗଟି ରଖି ସମୁଦ୍ରକୁ ଯାଇ ଫେରିବାବେଳକୁ ତାହା ଚୋରି ହୋଇଯାଇଥିଲା। ସେଥିରେ ସୁନା ଅଳଙ୍କାର, ଏଟିଏମ କାର୍ଡ ଓ କିଛି ଟଙ୍କା ରହିଥିଲା। ଏନେଇ ସେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୋପାଳପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଭବାନୀ ଶଙ୍କର ନାୟକ, ଏଏସଆଇ ବି.ତିରୁପତି ରାଓ ଏକ ଟିମ ଖୋଜାଖୋଜି ଆରମ୍ଭ କରିଥିଲେ। ଗୋପାଳପୁରର ବି.ରାମାରାଓ ଭ୍ୟାନିଟ ବ୍ୟାଗ ନେଇଥିବା ଜାଣିବାକୁ ପାଇଥିଲେ। ସୁନା ଅଳଙ୍କାରକୁ ଏକ ବ୍ୟାଙ୍କରେ ବନ୍ଧକ ରଖିଥିବା ଜାଣି ରାମାରାଓଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ପରେ ତା'ଠାରୁ ବ୍ୟାଗ ସହ କିଛି ସୁନା ଜବତ କରିଥିଲେ। ବନ୍ଧକ ରଖିଥିବା ସୁନାକୁ ଆଜି ଜବତ କରି ରାମରାଓଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିଥିବା ବେଳେ ସମସ୍ତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଓ ଭ୍ୟାନିଟ ବ୍ୟାଗକୁ ମାଲିକ ଚନ୍ଦ୍ରକାନ୍ତ ସାହୁଙ୍କୁ ହସ୍ତାନ୍ତର କରାଯାଇଛି।

### ଧାନମଣ୍ଡି ନାଁରେ ଚାଲିଛି ଦୁର୍ନୀତିର ଲମ୍ବା ରାକେଟ୍

# କଟ୍‌ନୀଛଟ୍‌ନୀ ହେଲେ ଆନ୍ଦୋଳନ ଚେତାବନୀ



**ଚାଷୀ ପାଉନି ପ୍ରାପ୍ୟ; ମିଲର ମାଲାମାଲ୍**

ବ୍ରହ୍ମପୁର,୧୮।୧୧(ସମିସ): ଖରିଫ ଧାନ ଅମଳ ସମୟ ଆସିଛି। ଆଉ କିଛିଦିନ ପରେ ବିକ୍ରି ଆରମ୍ଭ ହେବ। ଇତିମଧ୍ୟରେ ପଞ୍ଜିକୃତ ଚାଷୀମାନେ ସରକାରଙ୍କୁ ଧାନ ବିକିବାକୁ ଥିବାବେଳେ ଅଣପଞ୍ଜିକୃତ ଚାଷୀମାନେ ଆନ୍ଧ୍ର ବେପାରୀ ହାତରେ ଦେବାକୁ ବାଧ୍ୟ ହେବେ। ତେବେ ଗଞ୍ଜାମ ଜିଲ୍ଲାରେ ଧାନମଣ୍ଡି ନାଁରେ ପ୍ରତିବର୍ଷ ଲମ୍ବା ରାକେଟ୍ ଚାଲୁଥିବା ଋଷିକୂଲ୍ୟା ରୟତ ମହାସଭା ଓ ଅଖିଳ ଭାରତ କିଷାନ ମଜଦୂର ସଭା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି।

ଏଠାରେ କୁହାଯାଇଛି ଯେ, କୃଷି ପ୍ରଧାନ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫.୨ ଲକ୍ଷ ଚାଷୀ ଓ ୨.୫ ଲକ୍ଷ ଭାଗଚାଷୀ ଧାନ ଚାଷ କରିଥାନ୍ତି। ମାତ୍ର ୪୦ ଭାଗ ଜମି ହିଁ ଜଳସେଚିତ ହୋଇଥିବାରୁ ଚାଷୀମାନେ କେବଳ ଧାନ ଫସଲ ହିଁ କରିଥାନ୍ତି। ଏହି କାରଣରୁ ଜିଲ୍ଲାର କୃଷି ଅର୍ଥନୀତି କହିଲେ କେବଳ ଧାନ ଚାଷକୁ ହିଁ ବୁଝାଉଛି। କିନ୍ତୁ ଦୁଃଖର କଥା, ଜିଲ୍ଲାର ଏତେ ସଂଖ୍ୟକ ଚାଷୀ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ ଭୟଙ୍କର ଶୋଷଣ ଓ ଠକାମୀର ଶିକାର ହୋଇଆସିଛନ୍ତି। ସରକାରୀ ଅଫିସର ଓ ମିଲ୍ ମାଲିକଙ୍କ ଅସାଧୁ ମେଣ୍ଟ ଯୋଗୁ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ବେଳେ ଚାଷୀମାନେ ଭୟଙ୍କର ଶୋଷଣର ଶିକାର ହେଉଛନ୍ତି। ସରକାର ଗତବର୍ଷ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ୍ ଦେବା ପରି ଏକ ଭଲ ପଦକ୍ଷେପ ନେଇଥିଲେ ବି ତା'ର ସୁଫଳ ସବୁ ଚାଷୀଙ୍କୁ ମିଳିପାରିଲା ନାହିଁ। ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ନିୟମ ସରଳ ଥିବାବେଳେ ତାକୁ ବର୍ତ୍ତମାନର ସରକାର ଜଟିଳ କରି ଦେଇଥିବାରୁ ଜିଲ୍ଲାର ୨.୫ ଲକ୍ଷ ଭାଗଚାଷୀ ଧାନ ସଂଗ୍ରହ ଓ ବୋନସ୍ ପାଇବାରୁ ବଞ୍ଚିତ ରହିଛନ୍ତି। ସରକାର ଭାଗଚାଷୀଙ୍କ ଧାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି।

ଜିଲ୍ଲାରେ ନାମକୁ ମାତ୍ର ମଣ୍ଡି ରହିଥିବା ବେଳେ ମିଲ ମାଲିକମାନେ ହିଁ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣୁଛନ୍ତି। କଟ୍‌ନୀ ଛଟ୍‌ନୀ କମୁନି। ଏହା ବ୍ୟତିତ ସରକାର ଧାନ ସଂଗ୍ରହ ଓ ମିଲିଂ ବାବଦରେ ସବୁ ଖର୍ଚ୍ଚ ବହନ କରୁଥିବା ବେଳେ ମିଲରମାନେ ଚାଷୀଙ୍କ ଠାରୁ ବେଆଇନ ଭାବେ ସେମାନଙ୍କ ଅଖା ରଖିଦେବା ସହ ଧାନ ସଂଗ୍ରହ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଓ ଲୋଡ଼ିଂ ଅନ୍‌ଲୋଡ଼ିଂ ବାବଦରେ ଖର୍ଚ୍ଚକୁ ଚାଷୀଙ୍କୁ ନଦେଇ ହଡ଼ପ କରି ନେଉଛନ୍ତି। ଏହି ରାକେଟ ଦୀର୍ଘବର୍ଷ ହେଲା ଚାଲିଥିବା ଅଖିଳ ଭାରତ କିଷାନ ମଜଦୂର ସଭାର ଭାଲଚନ୍ଦ୍ର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଏସବୁ ବାବଦରେ ମିଲରମାନେ ପ୍ରତିବର୍ଷ ଚାଷୀଙ୍କ କୋଟି କୋଟି ଟଙ୍କା ହଡ଼ପ କରୁଥିବା ବେଳେ ସରକାରୀ ଅଧିକାରୀ ଓ ରାଜନୈତିକ ନେତା ଚୁପ୍ ରହିବା ସେମାନଙ୍କ ସହଯୋଗିତାକୁ ପ୍ରମାଣିତ କରୁଛି। ଏ ସମ୍ପର୍କରେ ଅତିତରେ ଜିଲ୍ଲାର ବିଭିନ୍ନ ଅଂଚଳର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଶ୍ରୀ ଷଡ଼ଙ୍ଗୀ ଏଠାରେ କହିଛନ୍ତି।

ଜିଲ୍ଲାରେ ଫସଲବୀମା ନାଁରେ ଘରୋଇ ବୀମା କମ୍ପାନୀମାନେ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଠିକ୍ ରୂପେ ଦେଉନଥିବା ବେଳେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଠାରୁ ପ୍ରିମିୟମ୍ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି। ଗତବର୍ଷ ଡ଼ିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ମଧ୍ୟରୁ ଫସଲ ବୀମା କରିଥିବା ୧,୪୫,୯୫୩ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୪୧,୫୯୫ ଜଣ ହିଁ ମୋଟ ୯.୨୯ କୋଟି ଟଙ୍କାର ବୀମା ସହାୟତା ପାଇଥିଲେ। କମ୍ ସମୟ ମଧ୍ୟରେ ଅନ୍‌ଲାଇନ୍ ଜରିଆରେ ଆବେଦନ କରି ନ ପାରିବା ନାଁରେ କମ୍ପାନୀ ଅଧିକାଂଶ ଚାଷୀଙ୍କୁ କ୍ଷତିପୂରଣରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଛି। ଗତବର୍ଷ କେବଳ ଗଞ୍ଜାମ ଜିଲ୍ଲାର ଚାଷୀଙ୍କୁ ଫସଲ ବୀମା ଯୋଗାଇବା ନାଁରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଚାଷୀ ପ୍ରିମିୟମ୍ ବାବଦରେ ୭୬.୨୩ କୋଟି ଟଙ୍କା ଘରୋଇ ବୀମା କମ୍ପାନି ରିଲାଏନ୍ସକୁ ଦେଇଥିବା ବେଳେ କମ୍ପାନୀ ମାତ୍ର ୯.୨୯ କୋଟି କ୍ଷତିପୂରଣ ଦେଇ ବଳକା ୬୭ କୋଟି ଟଙ୍କା ନେଟ୍ ଲାଭ ପାଇଛି। ଯଦି ଫସଲ ବୀମା ଠିକ୍ ରୂପେ କାର୍ଯ୍ୟକାରୀ ହୋଇଥାନ୍ତା, ତାହେଲେ ଜିଲ୍ଲାର ଚାଷୀ ଅତି କମରେ ୩୦ କୋଟି ଟଙ୍କା କ୍ଷତିପୂରଣ ବାବଦରେ ପାଇଥାନ୍ତେ। ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ନାଁରେ ମିଲ୍ ମାଲିକ ଓ ସରକାରୀ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଦୁର୍ନୀତିକୁ ବନ୍ଦ କରି ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବାକୁ ଉଭୟ ଚାଷୀ ସଂଗଠନ ଦାବି କରିଛନ୍ତି। ଏଫ୍‌ଏକ୍ୟୁ ଧାନ ନାଁରେ ଚାଷୀଙ୍କ ଧାନରେ ମନଇଛା କଟନୀ ଛଟନୀ କରାଗଲେ ଜିଲ୍ଲାରେ ଚାଷୀମାନେ ପ୍ରତିବାଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଋଷିକୂଲ୍ୟା ରୟତ ମହାସଭାର ଧନୁର୍ଦ୍ଧର ପଲେଇ, ପ୍ରକାଶ ପଲେଇ, ଅଖିଳ ଭାରତ କିଷାନ୍ ମଜଦୂର ସଭାର ଜିଲ୍ଲା ସମ୍ପାଦକ ଲଡ୍ଡୁ କିଶୋର ଡ଼ାକୁଆ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ



**ବ୍ରହ୍ମପୁର ବାଣିଜ୍ୟ ମେଳା**

ବ୍ରହ୍ମପୁର,୧୮।୧୧(ସମିସ): ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ସ ଚର୍ଚ୍ଚ ପଡ଼ିଆରେ ଅନୁଷ୍ଠିତ "ବ୍ରହ୍ମପୁର ବାଣିଜ୍ୟ ମେଳା-୨୦୨୫' ୩ୟ ଦିନରେ ପହଞ୍ଚିଛି। ତୃତୀୟ ସନ୍ଧ୍ୟାରେ ନିର୍ଝରିଣୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ଯାମିନୀକାନ୍ତ ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ତଥା କବିତାର ଭାବ, ଉତ୍କର୍ଷତା ଓ ପାଠକୀୟ ଆନନ୍ଦ ଓ ଆବୃତି ସମ୍ବନ୍ଧରେ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର ଉପ-ସଭାପତି ନୀଳକଣ୍ଠ ସାହୁ ଓ ଇଂ. ବିଚିତ୍ରାନନ୍ଦ ମୁନୀ ଯୋଗ ଦେଇଥିଲେ। ସଂସଦର ସମ୍ପାଦିକା ସୌଦାମିନୀ ମିଶ୍ର ସଭାକୁ ପରିଚାଳନା କରିଥିବା ବେଳେ ନିହାରିକା ସାହୁ କାହ୍ନୁଚରଣ ଗୌଡ଼ କବିତା ସଂଯୋଜନା କରିଥିଲେ। କବି ତଥା କଣ୍ଠଶିଳ୍ପୀ ସୁଧାଞ୍ଜଳୀ ମିଶ୍ର ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ। ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରୁ ବହୁ ସାହିତ୍ୟ ପ୍ରେମୀ ତଥା କବି, କବୟିତ୍ରୀ, ଲେଖକ ଓ ଲେଖିକା ଏହି ସାରସ୍ୱତ ସମ୍ମିଳନୀରେ ଉତ୍ସାହର ସହ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ପ୍ରଭାରୀ ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଅକ୍ଟୋବର ୧୫ରୁ ୨୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଲିଙ୍ଗରାଜ ଜେନା, ପ୍ରମୋଦ ପଣ୍ଡା, ମନ ମୋହନ ରଥ, ଡ. ଲକ୍ଷ୍ମୀ ନାରାୟଣ ଦାଶ, ଇଂ. ବିଜୟ ଚନ୍ଦ୍ର ମିଶ୍ର, ସତ୍ୟମ୍ ଆଚାରୀ, ସୁଦାମ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀ, ବିନୋଦିନୀ ନାୟକ, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁବାସ ପଣ୍ଡା, ପ୍ରଫୁଲ୍ଲ ମହାନ୍ତି ଓ ରଞ୍ଜିତା ରାଣୀ ଦାଶ ପ୍ରମୁଖ କବିତା ପାଠ କରିଥିଲେ।

# ମହିଳାଙ୍କ ଠାରୁ ଟଙ୍କା ଲୁଟ୍ ଅଭିଯୋଗ

ରଙ୍ଗେଇଲୁଣ୍ଡା,୧୮।୧୧(ସମିସ): ଗତ କିଛିଦିନ ହେଲା ଗୋପାଳପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଉଛି। କେତେବେଳେ ଲୁଟ୍ ତ ଆଉ କେତେବେଳେ ଜୁଆଡ଼ିଙ୍କ ପାଦୁର୍ଭାବ ବଢିବାରେ ଲାଗିଛି। ଏହି ଥାନା ଅଧିନସ୍ଥ ନାରାୟଣପୁର ଗ୍ରାମରେ ଜନୈକ ମହିଳାଙ୍କଠାରୁ ଆଉ ଜଣେ ମହିଳା ୧୦ହଜାର ଟଙ୍କା ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ପ୍ରକାରେ ନାରାୟଣପୁର ଗ୍ରାମର ଏସ କାନ୍ତାମ୍ମା ଗତ ୫ତାରିଖ ସନ୍ଧ୍ୟାରେ ବାରିପଟ ଦେଇ ଗାଧୋଇ ଘରକୁ ଫେରିବା ସମୟରେ ସେହି ଗ୍ରାମର ସୁନିତା ନାୟକ ହଠାତ ଆସି ୧୦ହଜାର ଟଙ୍କା ଝାମ୍ପି ନେଇଥିଲେ। ଏହି ସମୟରେ କାନ୍ତାମ୍ମା ଚିତ୍କାର କରିବାରୁ ତାଙ୍କ ଝିଅ ପହଞ୍ଚିଥିଲେ। ହେଲେ ସୁନିତା ଉଭୟଙ୍କୁ ଠେଲାପେଲା କରିବା ସହ ଧମକ ଚମକ ଦେଇଥିଲେ। ଏନେଇ କାନ୍ତାମ୍ମା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର

ବ୍ରହ୍ମପୁର,୧୮।୧୧(ସମିସ): ରୋଟାରୀ କ୍ଲବ ଅଫ୍ ବ୍ରାହ୍ମପୁର ଇଷ୍ଟ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସକ୍ଷମ-୭ ମାଗଣା କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି ଡ଼. ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଶିବିରକୁ ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ ୧୧୦ଜଣଙ୍କୁ ବିଭିନ୍ନ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଏଥିରେ ୨୫୦ଜଣ ଦିବ୍ୟାଙ୍ଗ ପଞ୍ଜିକରଣ କରଣ କରିଥିବା ବେଳେ ଆଗାମୀ ୨୪ରୁ ୨୮ ପର୍ଯ୍ୟନ୍ତ ପାରଳାଖେମୁଣ୍ଡିରେ ଶିବିର ଆୟୋଜନ ହେବ।




କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା-୩୨୬୨ର ଭିନ୍ନକ୍ଷମ ବିଭାଗ ଚେୟାରମ୍ୟାନ ଅଜିତ କୁମାର ପୃଷ୍ଟି ବିବରଣୀ ପ୍ରଦାନ କରିଥିଲେ। କ୍ଲବର ନିର୍ବାଚିତ ସଭାପତି ହୃଷୀକେଶ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଅଶ୍ୱନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସହ ପ୍ରାନ୍ତପାଳ ଝରଣା ପଣ୍ଡାଲ, ପ୍ରୋଜେକ୍ଟ ଚେୟାରମ୍ୟାନ ନାରସୁଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସକ୍ରିୟ ଲୁଟେରା ଗ୍ୟାଙ୍ଗ

**● ୨ ଦିନରେ ଏକାଧିକ ଅଳଙ୍କାର ଓ ଟଙ୍କା ଲୁଟ୍ ଅଭିଯୋଗ**

ବ୍ରହ୍ମପୁର,୧୮।୧୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ପୁଣି ସକ୍ରିୟ ହେଲେଣି ଲୁଟେରା ଗ୍ୟାଙ୍ଗ। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପରେ ସହରରେ ଲୁଟପାଟ ଘଟଣା ଧିମା ପଡ଼ିଥିଲା। ଏବେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଏକ ଚୋର ଗ୍ୟାଙ୍ଗ ଏକାଧିକ ତାଲାବନ୍ଦ ଘରୁ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଞ୍ଚଳନଗର ୮ମ ଲାଇନ୍‌ରେ ରହୁଥିବା ସୁନିଲ କୁମାର ତ୍ରିପାଠୀ ଓ ତାଙ୍କ ପରିବାର ଗତ ୧୦ତାରିଖ ମା'ଙ୍କ ଦେହ ଅସୁସ୍ଥ ହେବାରୁ ଭୁବନେଶ୍ୱର ଚିକିତ୍ସା ପାଇଁ ନେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରର ମୁଖ୍ୟ ଗେଟ୍ ଚାବି ଭାଙ୍ଗି ୨୦ଗ୍ରାମର ୨ଟି ମଙ୍ଗଳସୂତ୍ର, ୫ଟି ଯୋଡ଼ି ସୁନା କାନଫୁଲ, ରୂପା ପାଉଁଛି ନଗଦ ୭ହଜାର ଟଙ୍କା ଚୋରି କରି ନେଇଥିଲେ।

ସେହିପରି ଲାଞ୍ଜିପଲ୍ଲୀ ଓଭରବ୍ରିଜ୍‌ର ସୀମାନ୍ତ ଜାଗାରେ ଜଣେ ଯୁବତୀଙ୍କଠାରୁ ଭ୍ୟାନିଟ ବ୍ୟାଗ ଲୁଟେରା ଝାମ୍ପି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଆଙ୍କୁଲି ଜଗନ୍ନାଥ ନଗରର ଜଣେ ୨୫ବର୍ଷୀୟ ଯୁବତୀ କାମ ସାରି ଘରକୁ ଫେରୁଥିବା ବେଳେ ଲାଞ୍ଜିପଲ୍ଲୀ ଓଭର ବ୍ରିଜରେ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଭ୍ୟାନିଟ୍ ଝାମ୍ପି ନେଇଥିଲେ। ସେଥିରେ ମୋବାଇଲ ଓ ନଗଦ ୩୫୦୦ଟଙ୍କା ଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ସହରରେ ବିଭିନ୍ନ ଥାନାରେ ମୋବାଇଲ ଲୁଟ୍ ମାମଲା ବଢ଼ିଛି। ମୋବାଇଲ୍ ଚୋରି ମାମଲାରେ ମାତ୍ର ୨୮ ପ୍ରତିଶତ ମୋବାଇଲ ଉଦ୍ଧାର କରିବାରେ ବ୍ରହ୍ମପୁର ପୁଲିସ ସଫଳ ହୋଇଛି। ଲୁଟ୍ ମୋବାଇଲ୍ ଟ୍ରାକିଂ କରାଯାଉଛି, ଖବର ପାଇବା ମାତ୍ରେ ପୁଲିସ ଚଢ଼ଉ କରି ଉଦ୍ଧାର କରୁଛି ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପୁଲିସର ଢିଲା ପେଟ୍ରୋଲିଂ ଯୋଗୁ ଚୋରି ଓ ଲୁଟ୍ ମାମଲା ବୃଦ୍ଧି ପାଉଥିବା କୁହାଯାଉଛି।

# ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ

ବ୍ରହ୍ମପୁର,୧୮।୧୧(ସମିସ): ଗଞ୍ଜାମ ଜିଲ୍ଲା ସମବାୟ ସଂଘ ଆନୁକୂଲ୍ୟରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଗୋପାଳପୁର ସ୍ଥିତ ସମବାୟ ପରିଚାଳନା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ସଂଘର ସଭାପତି ତଥା ବରିଷ୍ଠ ସମବାୟବିତ କୈଳାସ ଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ସମବାୟ ସପ୍ତାହ ପାଳନର ମୁଖ୍ୟ ବିଷୟ "ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଭୂମିକା' ଥିବା ବେଳେ ଜିଲ୍ଲାସ୍ତରୀୟ ଉତ୍ସବରେ "ସମବାୟ ଉଦ୍ୟୋଗ ମାଧ୍ୟମରେ ଯୁବ, ମହିଳା ଏବଂ ଦୁର୍ବଳ ଶ୍ରେଣୀକୁ ସଶକ୍ତିକରଣ କରିବା' ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଭାପତି କୈଳାଶ ରଣାଙ୍କ ସମେତ ଶିବରାମ ପତ୍ର, ମଙ୍ଗୁଲୁ ସାହୁ, ରବୀନ୍ଦ୍ର ପଣ୍ଡା, କାର୍ତ୍ତିକ ପରିଡା, ରାମ ମୋହନ ପାତ୍ର, ହୃଷିକେଶ ମହାଳି, ରବୀନ୍ଦ୍ର କୁମାର ସାମଲ, ସୂର୍ଯ୍ୟ ପରିଡା, ଅଜୟ ମହାରଣା ଏବଂ ଡି. କ୍ରିଷ୍ଣାନନ୍ଦ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ସମବାୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ତଥା ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୧ଜଣ ସମବାୟବିତଙ୍କୁ ସମ୍ମାନିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ସଭାପତି, ପରିଚାଳନା ନିର୍ଦ୍ଦେଶକ /ନିର୍ଦ୍ଦେଶିକା ଏବଂ ସମିତିଗୁଡିକର ସମ୍ପାଦକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜେଡି ନେତା ତଥା ବରିଷ୍ଠ ସମବାୟବିତ ଶ୍ରୀ ଅଜୟ ମହାରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂଘର ସମ୍ପାଦକ ତଥା ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧ୍ୟକ୍ଷ ଡି. କ୍ରିଷ୍ଣାନନ୍ଦ, ଅଧ୍ୟାପକ ନିରଞ୍ଜନ ମହାପାତ୍ର, ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ଶିବୁନ୍

ବ୍ରହ୍ମପୁର,୧୮।୧୧(ସମିସ): ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ବ୍ରହ୍ମପୁରର ଯୁବ କ୍ରିକେଟର ଶିବୁନ ନନ୍ଦ ସାମିଲ ହୋଇଛନ୍ତି। ଆଗାମୀ କୁଚବିହାର ଟ୍ରଫି ସକାଶେ ବିସିସିଆଇ ପକ୍ଷରୁ ୧୮ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଥିବାବେଳେ ଏଥିରେ ତାଙ୍କ ନାମ ରହିଛି।



ନିକଟରେ ସେ ଅନ୍ତର୍ଜାତୀୟ ଭାରତୀୟ ମୁକବଧିର କ୍ରିକେଟ ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ଗତବର୍ଷ ମଧ୍ୟ ଏହି ପ୍ରତିଯୋଗିତାରେ ସେ ସ୍ଥାନ ପାଇଥିଲେ। ଜଣେ ସଫଳ ଅଲରାଉଣ୍ଡର ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଶିବୁନ୍। ସ୍ଥାନୀୟ ରାଧାକୃଷ୍ଣ ବିଲ ସାହିର ସୁକାନ୍ତ କୁମାର ନନ୍ଦ ଓ ଅନୁରାଧା ନନ୍ଦଙ୍କ ପୁତ୍ର ଶିବୁନ୍। କ୍ଲବର ସମ୍ପାଦକ ସଂଜୟ ବିଷୋୟୀ, ସଭାପତି ବିରଲା ମାଝି, ଭାଗିରଥି ରାଓ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରୋଗୀଙ୍କ ଦୁଃଖ ବଢ଼ାଉଛି ଏମ୍‌କେସିଜି ନେଫ୍ରୋଲୋଜି ବିଭାଗ

# ଏକାଧିକ ଡାୟଲିସିସ୍ ମେସିନ ଅଚଳ; ରୋଗୀ ହନ୍ତସନ୍ତ



ବ୍ରହ୍ମପୁର,୧୮।୧୧(ସମିସ): ଏମକେସିଜି ମେଡ଼ିକାଲ ନେଫ୍ରୋଲୋଜି ବିଭାଗ ଅଧିନରେ ଥିବା ଡାୟଲିସିସ ୟୁନିଟରେ ଏକାଧିକା ଡ଼ାୟଲେସିସ ମେସିନ ଅଚଳ ହୋଇପଡ଼ିଛି। ଗତ କିଛିମାସ ହେବ ଉକ୍ତ ମେସିନ ଅଚଳ ରହିଥିବା ବେଳେ ତାହାକୁ ମରାମତି କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ କିଡ୍‌ନୀ ରୋଗରେ ପୀଡ଼ିତ ସଂକଟାପନ୍ନ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହାର ସୁଯୋଗ ନେଇ ସହରର ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ରୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଶୋଷଣ କରୁଛନ୍ତି।

ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳରୁ ବହୁ କିଡନୀ ରୋଗୀ ଏମକେସିଜି ମେଡିକାଲର ନେଫ୍ରୋଲୋଜି ବିଭାଗ ଉପରେ ନିର୍ଭର କରୁଥିବାବେଳେ ରୋଗୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଏମକେସିଜି ମେଡିକାଲର ପିଏମଏସଏସୱାଇ କୋଠାର ତଳ ମହଲାରେ ୧୨ଟି ଡାୟଲିସିସ ମେସିନ ସ୍ଥାପନ କରାଯାଇଛି। ତେବେ ଯାନ୍ତ୍ରିକ ତ୍ରୁଟି କାରଣରୁ ଡାଏଲିସିସ ୟୁନିଟର ଏକାଧିକ ମେସିନ ଅଚଳ ହୋଇପଡ଼ିଛି। ବିଭାଗ ପକ୍ଷରୁ କିଡନୀ ଓ ଜଣ୍ଡିସ-୧ ଏବଂ ୨ରୋଗରେ ଆକ୍ରାନ୍ତ ରୋଗୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଡ଼ାଏଲିସିସ ମେସିନ ରହିଛି। ଗତ କିଛିଦିନ ହେବ ତାହା ଅଚଳ ରହିଥିବା ବେଳେ ଏହି ରୋଗୀମାନେ ସେବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନିମ୍ନ ରକ୍ତଚାପ ରହିଥିବା କିଡ଼ନୀ ରୋଗୀଙ୍କ ଡ଼ାଏଲେସିସ ନିମନ୍ତେ ୨ଟି ସ୍ଲେଡ଼ ମେସିନ ରହିଥିବା ବେଳେ କିଛିବର୍ଷ ହେବ ତାହା ମଧ୍ୟ ଅଚଳ। ମେଡ଼ିକାଲ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ରୋଗୀଙ୍କ ନିମନ୍ତେ ସେଠାରେ ଏକ ଡ଼ାୟଲେସିସ ମେସିନ ରହିଛି। କିଛିଦିନ ହେବା ତାହା ମଧ୍ୟ ବନ୍ଦ ରହିଥିଲା। ଫଳରେ ଚିକିତ୍ସା ଆଶାରେ ମେଡ଼ିକାଲକୁ ଆସୁଥିବା ବହୁ ସଂକଟାପନ୍ନ ରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସମସ୍ୟା ସାମ୍ନାକୁ ଆସିବାରେ ଏହାକୁ ମରାମତି କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ କିଡନୀ ଓ ଜଣ୍ଡିସ-୧ ଏବଂ ୨ ରୋଗ ସମେତ ଆଇସିୟୁରେ ଚିକିତ୍ସିତ ରୋଗୀଙ୍କ ନିମନ୍ତେ ରହିଥିବା ଡ଼ାଏଲେସିସ ମେସିନ ମଙ୍ଗଳବାର ମରାମତି ହୋଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ମଧ୍ୟ ଡାଏଲିସିସ ୟୁନିଟର ଗୋଟିଏ ମେସିନ ସମେତ ୨ଟି ସ୍ଲେଡ଼ ମେସିନ ଅଚଳ ରହିଛି। ଏହାଦ୍ୱାରା ପ୍ରତିଦିନ ଏକାଧିକ କିଡ୍‌ନୀ ରୋଗୀ ମେଡିକାଲରେ ଡାୟଲିସିସ ସେବାରୁ ବଞ୍ଚିତ ହୋଇ ଘରୋଇ ଡାଏଗ୍ନୋଷ୍ଟିକ ମୁହାଁ ହେଉଛନ୍ତି। ଫଳରେ ସୁସ୍ଥ ହେବା ଆଶା ନେଇ ଏମକେସିଜି ମେଡ଼ିକାଲ ନେଫ୍ରୋଲୋଜି ବିଭାଗକୁ ଆସୁଥିବା ସଙ୍କଟାପନ୍ନ ରୋଗୀ କ୍ଷେତ୍ରରେ ଦୁଃଖ କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଥିବା ରୋଗୀ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜି ବିଭାଗ ଉପରେ ରୋଗୀଙ୍କ ଭରସା ତୁଟିବାରେ ଲାଗିଛି। ତେଣୁ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଡାକ୍ତରଖାନାର ନେଫ୍ରୋଲୋଜି ବିଭାଗରେ ଲାଗି ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ କିଡନୀ ରୋଗୀଙ୍କ ନିମନ୍ତେ ଉତ୍ତମ ଚିକିତ୍ସା ଉପଲବ୍ଧ କରାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ବ୍ରହ୍ମପୁର/ପାତ୍ରପୁର,୧୮।୧୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାତ୍ରପୁର ବ୍ଲକ ସ୍ଥିତ ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିବିରରେ ବାଧ୍ୟତାମୂଳକ ଶିକ୍ଷା, ମୌଳିକ ଅଧିକାର, ପୋକସୋ ଆକ୍ଟ, ପୋସ ଆକ୍ଟ, ଜେଜେ(ସିପିସି) ଆକ୍ଟ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୁବାଳା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ବିଜୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ରାଜୀବ ଦଳାଇଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।

-ନେଲସନ ମଣ୍ଡେଲା

ସକାଳ
THE SAKALA

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜିକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୯୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜିକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡ଼ୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣମୂଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

## ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଲାଂ ସୁଫଲାଂ ଶସ୍ୟଶ୍ୟାମଲାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ୍ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣ୍ଡୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧୁ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଅପମିଶ୍ରଣର ସାମ୍ରାଜ୍ୟ

ସୁଧାଂଶୁ ପାତ୍ର

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ୍, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

## ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ୍ନ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେବଳ ଭାଷଣବାଜିରେ ସୀମିତ ସରକାରଙ୍କ କାର୍ଯ୍ୟକ୍ରମ : ବିଜେଡି

- ■ ରାଜ୍ୟ ଛାଡ଼ୁଛନ୍ତି ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଶିଳ୍ପ ଅନୁଷ୍ଠାନ
- ■ ଅହେତୁକ ବଢ଼ିଛି ରାଜ୍ୟରେ ଖଣିଜ ପଦାର୍ଥର ଚୋରା କାରବାର

ଭୁବନେଶ୍ୱର,୧୮।୧୧(ସମିସ): ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟକ୍ରମରେ ମନ୍ଥରତାକୁ ନେଇ ବ୍ୟକ୍ତ କରିଥିବା ଚିନ୍ତାକୁ ନେଇ କଠୋର ସମାଲୋଚନା କରିଛି ବିଜେଡି। ରାଜ୍ୟରେ ସରକାର ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି ଓ ବିକାଶମୂଳକ କାମ ବନ୍ଦ ହୋଇ ଯାଇଛି ଉପରେ ପ୍ରତିକ୍ରିୟା ରଖିଛି ବିଜେଡି। ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ହୋଇ ରହିଛି, ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୧୬ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମହୋଦୟ ଉଠାଇଥିବା ପ୍ରସଙ୍ଗଗୁଡିକ ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କରିଛି। ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି ଯେ ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଥିବା କଥାକୁ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ସେହିପରି ଚୋରା ମଦ କାରବାରକୁ ରୋକିବା ପାଇଁ ଦେଇଥିବା ନିର୍ଦ୍ଦେଶ ମଧ୍ୟ ରାଜ୍ୟରେ ଚାଲୁଥିବା ଚୋରା ମଦ କାରବାରକୁ ସ୍ୱୀକାର ସଦୃଶ ହୋଇଛି । ବିଜେପି କ୍ଷମତାକୁ ଆସିବାର କିଛି ମାସ ପରେ ଗଞ୍ଜାମ ଜିଲ୍ଲାରେ ଚୋରା ତଥା ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସରକାର ରାଜ୍ୟରେ ଚୋରା ମଦ କାରବାରକୁ ରୋକିବାରେ ସଫଳ ହୋଇ ନାହାନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଉପଲବ୍‌ଧି ବୋଲି ଦାବି କରିଥିବା ବେଳେ ବାସ୍ତବରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଇଟାଟିଏ ପଡ଼ିପାରି ନାହିଁ । ଅପରପକ୍ଷରେ ପୂର୍ବ ବିଜେଡି ସରକାରଙ୍କ ଶିଳ୍ପସ୍ଥାପନ ପାଇଁ ବୁଝାମଣା କରିଥିବା ଜେଏସଡବ୍ଲୁ ଇଭି କାରଖାନା, ଆର୍ସେଲର ମିତ୍ତଲ ଇସ୍ପାତ କାରଖାନା, ଏସ ରାମ ଏନ ରାମ ସେମି କଣ୍ଡକ୍ଟର କମ୍ପାନୀ ଅନ୍ୟ ରାଜ୍ୟକୁ ଚାଲି ଯାଇଥିବା ସୂଚନା ମିଳିଛି। ମାତ୍ର ସରକାର ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

## ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା


# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦ୍ଧୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

## ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮ ।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର



- ■ ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
- ■ ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ ବସା ମଙ୍ଗଳବାର ଅପରାହ୍ଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍‌ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ। ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ■ ଆଇନଜୀବୀ ପୀତବାସ ହତ୍ୟା ମାମଲା

# ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

**ପିଟିସନ ଉପରେ ଶୁଣାଣି ସହ ରାୟ ପ୍ରକାଶ ଆଜି**

ବ୍ରହ୍ମପୁର, ୧୮ ।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ତାଙ୍କ ଓକିଲ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ସମ୍ବିଧାନର ଧାରା ୨୧ ଓ ୨୨ ଅନୁଯାୟୀ ମଦନ ଦଲେଇଙ୍କ ନାମରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ୧୬୧ରେ ରେକର୍ଡ ହୋଇଥିବା ବୟାନରେ ମଧ୍ୟ ତାଙ୍କ ନାମ ନଥିବା ଦର୍ଶାଇଛନ୍ତି ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ। ସେହିଭଳି ଭାରତୀୟ ନ୍ୟାୟ ସଂହିତାର ଧାରା ୪୭ ଓ ୪୮ ପ୍ରକାରେ ମଧ୍ୟ ପୁଲିସ ମଦନଙ୍କୁ ଗିରଫ ସମୟରେ କୌଣସି ଉଚିତ ତଥ୍ୟ ଓ କାରଣ ଉପସ୍ଥାପନ କରିନଥିବା ସେ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି। ଏହି ପିଟିସନ୍ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିବା ବେଳେ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଫଳରେ ଏହି ପିଟିସନ୍ ଉପରେ ଆସନ୍ତା ବୁଧବାର ୧୯ ତାରିଖରେ ଶୁଣାଣି ସହ ରାୟ ପ୍ରକାଶ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁରୂପ ଏକ ପିଟିସନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ମଧ୍ୟ ପୂର୍ବରୁ ଦାଖଲ ହୋଇଥିବା ବେଳେ କୋର୍ଟ ତାହାକୁ ନିଜର କ୍ଷମତା ବାହାରେ ଦର୍ଶାଇ ଖାରଜ କରିଥିଲେ। ବର୍ତ୍ତମାନ ଏହି ପିଟିସନର ଶୁଣାଣି ପରେ କି ରାୟ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୂର ବାରମ୍ବାର ଦୁର୍ବ୍ୟବହାର କରୁଥିଲେ ବୋଲି ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଆନ୍ଧ୍ରରେ ହେବ...

କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ। ଏହି ୟୁନିଟ୍‌ରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟ୍ରି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

### ଏସ୍‌ସିବିରେ ଲଜ୍ଜା...

ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସକୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ସାଲିଆସାହିରେ ବୁଲିଲା...

ବେହୋସ ହୋଇ ଯାଇଥିବା ଦେଖିବାକୁ ମିଳିଛି । ସେହିପରି କିଛି ଲୋକ ବୁଲଡୋଜର ଆଗରେ ଶୋଇ ବସ୍ତି ଭାଙ୍ଗିବାର ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଘର ଭଙ୍ଗା ସମୟରେ ଅନେକ ବସ୍ତିବାସିନ୍ଦା ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ପୂର୍ବ ସରକାର ଯୋଗାଇ ଦେଇଥିବା ଘରକୁ ନ ଯିବାକୁ ଭୋଟବେଳେ ସେମାନଙ୍କୁ ସାଂସଦ ଅପରାଜିତା ପରାମର୍ଶ ଦେବା ସହ ବିଜେପି ସରକାର ଆସିଲେ ୬୦୦ ବର୍ଗଫୁଟ ଜମି ଦିଆଯିବ ବୋଲି କହିଥିଲେ। ମାତ୍ର ନିର୍ବାଚନ ପରେ ତାଙ୍କର ଆଉ ଦେଖା ମିଳୁନାହିଁ; ତାଙ୍କୁ ଭେଟିବାକୁ ଚାହିଁଲେ ବି ଭେଟ ହେଉନାହିଁ। ୬୦୦ ବର୍ଗଫୁଟ ଜମି କେବେ ମିଳିବ ତାହା ଜଣାପଡୁନାହିଁ ବୋଲି ଅନେକ ବସ୍ତିବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ଘର ଭଙ୍ଗା ଯାଇଛି ସେମାନେ ପୂର୍ବରୁ ସରକାରଙ୍କ ଠାରୁ ଘର ପାଇ ସାରିଛନ୍ତି। ହେଲେ ସେଠାରେ ନ ରହି ପୁଣି ବସ୍ତିରେ ରହୁଛନ୍ତି। ଉଚ୍ଛେଦ ପରିବାରଙ୍କ ୭ଦିନ ରହିବା ଖାଇବା ପାଇଁ ବ୍ୟବସ୍ଥା ସହ ସେମାନଙ୍କୁ ଘର ଆଲଟ୍ କରାଯାଇଛି। ଜିନିଷ ସ୍ଥାନାନ୍ତର କରାଯିବାକୁ ବ୍ୟବସ୍ଥା ସହ ଘର ପୂଜା ପାଇଁ ମଧ୍ୟ ବନ୍ଦୋବସ୍ତ ହୋଇଥିବା ଅଧିକାରୀମାନେ କହିଛନ୍ତି। ସରକାର ସେମାନଙ୍କୁ ଘର ଯୋଗାଇ ଦେଇଛନ୍ତି; କିନ୍ତୁ ସେମାନେ ଘର ଭଡ଼ାରେ ଲଗାଇ ଏଠାରେ ରହୁଛନ୍ତି। ନୂଆ ରାସ୍ତା ଏହି ବସ୍ତି ମଧ୍ୟ ଦେଇ ଯିବାର ଯୋଜନା ରହିଛି ତେଣୁ ୫୨୧ ଘର ଉଚ୍ଛେଦ କରାଯିବ। ତେବେ ଉଚ୍ଛେଦ ସମୟରେ ସମସ୍ତଙ୍କ ସହଯୋଗ ରହିଥିବା ବେଳେ କେତେକ ବ୍ୟକ୍ତିଗତ ଭାବେ ବିରୋଧ କରୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଉଚ୍ଛେଦ ପରେ ଶୀତ ରାତିରେ ପିଲାଛୁଆଙ୍କ ସମେତ ବୟସ୍କ ବ୍ୟକ୍ତିମାନେ ମଧ୍ୟ ଖୋଲା ଆକାଶ ତଳେ ଶୋଇଥିବା ଦେଖିବାକୁ ମିଳିଛି।

### କୁଖ୍ୟାତ ମାଓନେତା...

ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତି ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ଼ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ଼ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

### ଅକାଠୁଆ ଶୀତ...

ଆସନ୍ତା ୭ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ। ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି। ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୁବାଶାସନ ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | ୧) ଶ୍ରୀ ଯୋଗେନ୍ଦ୍ର ସାହୁ, ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**

**I, Jaiga Sahu,** W/o.: Brahmananda Sahu, Permanent resident of At/ PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.

**AFFIDAVIT**

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**

I, PURANDARA SAHU, aged about 42 years, S/o-Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o-Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT**

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

**AFFIDAVIT (for Minor)**

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o-Biranchi Jani, At- Baguda, Po.-Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

**AFFIDAVIT**

I, Swetapadma Patnaik, aged about 46 years, W/o-shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps-Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

**AFFIDAVIT**

Bikash kumar Agarwalla, S/O-Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.

## ପାରଳାଖେମୁଣ୍ଡି ପୁଲିସକୁ ସଫଳତା

# ୫ଲକ୍ଷ ଟଙ୍କାର ଚୋରି ଅଳଙ୍କାର ଉଦ୍ଧାର; ୪ ଗିରଫ

ପାରଳାଖେମୁଣ୍ଡି,୧୮ ।୧୧(ସମିସ):

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସକୁ ମିଳିଛି ବଡ ସଫଳତା । ଚୋରି ୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାରକୁ ଉଦ୍ଧାର କରିବା ସହ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାଣୀପେଣ୍ଟ ଗ୍ରାମର ଜି. ଲକ୍ଷ୍ମୀନାରାୟଣ ରାଓ ଅରଫ୍ ଜି.ନବୀନ (୨୨), ଦାନାନା ଗଣେଶ (୨୫), ମିଶାଲା ବିବେକ (୨୭) ଏବଂ ପାରଳାଖେମୁଣ୍ଡି ସହରର କଣ୍ଡରା ସାହିର କିରଣ ଧବାଲ୍ (୨୦) ।

ଚଳିତ ମାସ ୧୦ ତାରିଖରେ ଦିବାଲୋକରେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଟ ଗ୍ରାମର ପି. ଚିନ୍ନପାଡୁ ନାମକ ଜଣେ ବ୍ୟକ୍ତିଙ୍କ ଘରେ କିଛି ଦୁର୍ବୃତ୍ତ ପଶିଥିଲେ । ଆଲମିରା ତାଲା ଭାଙ୍ଗି ୨ ତୋଲା ସୁନାର ଗହଣା, ୫୦ ତୋଲାରୁ ଅଧିକ ରୁପା ଗହଣା ସହ ନଗଦ ୨୫ହଜାର ଟଙ୍କା ଚୋରି କରିଥିବା ୧୨ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ । ଚୋରି ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲେ ହେଁ ପ୍ରାଥମିକ ସ୍ତରରେ ଚିନ୍ନପାଡୁଙ୍କୁ କୌଣସି ସୂଚନା ମିଳିନଥିଲା । ଏହାପରେ ଚିନ୍ନପାଡୁ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହାପରେ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ସମୟରେ, ତଦନ୍ତକାରୀ ଅଫିସର ଘଟଣାସ୍ଥଳକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ଏବଂ ଘର ଚାରିପାଖର ଫୁଟେଜ ବିଶ୍ଳେଷଣ କରି ଦୁର୍ବୃତ୍ତଙ୍କ ପରିଚୟ ଜାଣିପାରିଥିଲେ । ମୁଖ୍ୟ ଦୁର୍ବୃତ୍ତଙ୍କୁ ଧରି ପୁଲିସ ପଚରାଉଚରା କଲାପରେ ସେ ଦୋଷ ସ୍ୱୀକାର କରି ତାଙ୍କ ସହଯୋଗୀଙ୍କ ନାମ ପ୍ରକାଶ କରିଥିଲେ । ଚୋରି ହୋଇଥିବା ସୁନା ଓ ରୁପା ଗହଣା ଅଭିଯୁକ୍ତ ମାନଙ୍କଠାରୁ ଜବତ କରା ଯାଇଛି । ଜବତ ସାମଗ୍ରୀର ମୋଟ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇଛି ଏବଂ ନ୍ୟାୟିକ ରିମାଣ୍ଡ ପାଇଁ ଅଦାଲତରେ ହଜାର କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



## ପର୍ଯ୍ୟଟକ ଗାଡ଼ିରେ ନିଆଁ

ଦାରିଙ୍ଗବାଡି,୧୮ ।୧୧(ସମିସ): ଦାରିଙ୍ଗବାଡିକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ବୋଲେରୋ ଗାଡ଼ି ଇଞ୍ଜିନରେ ହଠାତ ନିଆଁ ଲାଗିଯାଇଥିବାବେଳେ ଏଥିରେ ବସିଥିବା ଚାଳକଙ୍କ ସମେତ ୯ ଜଣ ପର୍ଯ୍ୟଟକ ଗାଡିରୁ ବାହାରିଯିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଅଗ୍ନିଶମ ବିଭାଗକୁ ଫୋନ କରିବା ପରେ ଦାରିଙ୍ଗବାଡି ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।



ସୂଚନା ପ୍ରକାରେ ଭଦ୍ରକ ଚାନ୍ଦବାଲି ଅଞ୍ଚଳରୁ ଏକ ୧୦ ଜଣିଆ ପର୍ଯ୍ୟଟକ ଦଳ ଦାରିଙ୍ଗବାଡି ବୁଲିବାକୁ ଆସିଥିଲେ । ସେମାନେ ସୋମବାର ଠାରୁ ବାହାରି ସିଧା ଦାରିଙ୍ଗବାଡି ଆସିଥିଲେ । ହେଲେ ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ ନିକଟ ଆମ୍ବଖାଲିଆ ଘାଟିରେ ଗାଡିଟି ଷ୍ଟାର୍ଟ ବନ୍ଦ ହେବାସହ ଇଞ୍ଜିନ ହୁତୁହୁତୁ ହୋଇ ଜାଳିବା ଆରମ୍ଭ କରିଥିଲା । ଇକୋ ରିଟ୍ରିଟରେ ଥିବା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରୁଥିବା ବେଳେ ଦାରିଙ୍ଗବାଡି ଅଗ୍ନିଶମ ବିଭାଗର କର୍ମଚାରୀ ମଧ ପହଞ୍ଚି ସାମିଲ ହୋଇଥିଲେ । ଫଳରେ ବଡ଼ ଅଘଟଣ ଟଳି ଯାଇଥିଲା ।

## ଅଧିକାରକୁ ନେଇ ସଚେତନ ହେଲେ ବରିଷ୍ଠ ନାଗରିକ




ପାରଳାଖେମୁଣ୍ଡି,୧୮ ।୧୧(ସମିସ): ବରିଷ୍ଠ ବ୍ୟକ୍ତିଙ୍କୁ ଅଧିକାର ବିଷୟରେ ସଚେତନ କରିବା ଲକ୍ଷ୍ୟରେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ନିମନ୍ତେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ବରିଷ୍ଠ ବ୍ୟକ୍ତିଙ୍କ ନିମନ୍ତେ ସରକାରଙ୍କ ତରଫରୁ ରହିଥିବା ବିଭିନ୍ନ ଯୋଜନା, ସୁବିଧା ତଥା ସେମାନଙ୍କର ବିଭିନ୍ନ ଅଧିକାର ବିଷୟରେ ଉପସ୍ଥିତଙ୍କୁ ସଚେତନ କରାଯାଇଥିଲା । ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭି.ଏସ.ଏନ. ରାଜୁ ଓ ଓକିଲ ରାଜେଶ ପାତ୍ର ଯୋଗ ଦେଇ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ବିଷୟରେ ସଚେତନ କରିବା ସହ ଆଗାମୀ ପିଢିଙ୍କୁ ସଠିକ ମାର୍ଗ ଦେଖାଇବା ନିମନ୍ତେ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ଲକ୍ଷ୍ମୀନୃସିଂହ ରଥ ଓ ରାମଚନ୍ଦ୍ର ପାଢୀ ମଞ୍ଚାସୀନ ଥିଲେ । ଶେଷରେ ବରିଷ୍ଠ ନାଗରିକ ସଂଘର ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ୨ ମୁଖ୍ୟ ଦାବି ଚିକିତ୍ସା ସମୟରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ତଥା ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ଏକ ପୃଥକ ଧାଡ଼ିର ବ୍ୟବସ୍ଥା କରିବା ସହ ବ୍ୟାଙ୍କ ତରଫରୁ ଯଥାସମ୍ଭବ ଏହି ବରିଷ୍ଠ ନାଗରିକମାନଙ୍କୁ ସହାୟତା ପାଇଁ ଦାବି କରାଯାଇଥିଲା ।

## ପର୍ଶୁରାମ ଗୁରୁକୁଳ ମହାବିଦ୍ୟାଳୟରେ ଯୋଗ ଶିବିର

ରାୟଗଡ,୧୮ ।୧୧(ସମିସ): ରାୟଗଡ ବ୍ଲକ ସେବକପୁର ସ୍ଥିତ ପର୍ଶୁରାମ ଗୁରୁକୁଳ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ସହାୟତାରେ ଦୁଇଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶଶିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ପ୍ରଦୀପ ଷଡ଼ଙ୍ଗୀ, ପ୍ରଶିକ୍ଷକ ଭାବେ କେନ୍ଦ୍ରାପଡ଼ା ଦିବ୍ୟ ଜୀବନ ସଙ୍ଘର ସ୍ୱାମୀ ପୂଜ୍ୟ ରାମ ଶରଣାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ନାରାୟଣପୁର ଦିବ୍ୟ ଜୀବନ ସଙ୍ଘ ଉପ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ । ଶିବିରରେ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସୂର୍ଯ୍ୟ ନମସ୍କାର, ପରମେଷ୍ଠି ନମସ୍କାର, ପଞ୍ଚଭୂତ ମୁଦ୍ରା, ପଞ୍ଚପ୍ରାଣ ମୁଦ୍ରା ଏବଂ ୧୨ଟି ପ୍ରାଣାୟାମ ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ । କାର୍ଯ୍ୟକ୍ରମକୁ ରେଡ଼କ୍ରସ ଅଧ୍ୟାପିକା ରଶ୍ମିତା ପାତ୍ର ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ପରିଚାଳନାରେ ସହଯୋଗ କରିଥିଲେ ।



## ଯୁବ ରେଡ଼୍କ୍ରସର ସ୍ୱାଗତ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଟିକାବାଲି,୧୮ ।୧୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ତରଫରୁ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ, ପ୍ରଶିକ୍ଷଣ ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ତଥା ପ୍ରଶିକ୍ଷକ ଭାବେ ଟିକାବାଲି ଡ଼ାକ୍ତରଖାନାର ଡା. ସତ୍ୟନାରାୟଣ ପଟ୍ଟନାୟକ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ଏହା କିପରି କରାଯିବ ପ୍ରଶିକ୍ଷଣ ଦେଇଥିଲେ । ଯୁବ ରେଡ଼କ୍ରସର କାଉନସିଲର୍ ଅଧ୍ୟାପକ ରତନ କୁମାର ଦିଗାଲ ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବନମାଳୀ ବେହେରା ଯୋଗ ଦେଇ ଯୁବ ରେଡ଼କ୍ରସ କିପରି ଜନ୍ମ ନେଲା ଏବଂ ଏହାର ଉଦ୍ଦେଶ୍ୟ କ'ଣ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପିକା ସ୍ମୃତିରେଖା ନାୟକ, ନମିତା ମହାରଣା ଯୋଗ ଦେଇଥିବା ବେଳେ ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଓ ବରିଷ୍ଠ କିରାଣି ମନୋଜ କୁମାର ଭୋଇ ସହଯୋଗ କରିଥିଲେ ।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଫୁଲବାଣୀ/ଫିରିଙ୍ଗିଆ,୧୮ ।୧୧(ସମିସ): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଜଣେ ୧୫ ବର୍ଷିଆ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ୨୦ ଜଣ ସାକ୍ଷୀ ଓ ଡ଼ାକ୍ତରୀ ରିପୋର୍ଟ ଆଧାରରେ ଅଭିଯୁକ୍ତ ଗୌତମ ପ୍ରଧାନ(୪୩)କୁ ୧୦ ବର୍ଷ ଜେଲ୍ ଦଣ୍ଡ ସହ ୧୬ ହଜାର ଟଙ୍କା ଜରିମାନା କରିଛନ୍ତି । ଜାରିମାନା ଅନାଦାୟ ଅଧିକ ଦେଢ଼ ବର୍ଷ ୧୫ ଦିନ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।

ପୀଡ଼ିତା ୨୦୧୧ ମସିହାରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିଥିଲା । ପୀଡିତା ରାଇକିଆ କଲେଜରେ ପଢ଼ିବା ବେଳେ ମଧ୍ୟ ଅଭିଯୁକ୍ତ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲା । ବର୍ତ୍ତମାନ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲାର ନାଭାଲ୍ ଫାଣ୍ଡିରେ ଓଏପିଏଫ୍ ଭାବେ କାର୍ଯ୍ୟରତ । ପୀଡିତା ବିବାହ ପାଇଁ ବାରମ୍ବାର କହିବା ବେଳେ ଜାତକ ମେଳ ଖାଉନି ବୋଲି ବାହାନା କରିବାରୁ ୨୦୨୨ ମସିହା ଜୁଲାଇ ୧୩ରେ ସାରଙ୍ଗଡ଼ ଥାନାରେ ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ । ଥାନାଧିକାରୀ ବଧୂଲିକା ବିଶ୍ୱାଳ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ଆଜି ବିଚାରପତି ଉପରୋକ୍ତ ରାୟ ଶୁଣାଇବା ସହ ପୀଡିତାଙ୍କୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଫୁଲବାଣୀରେ 'ସ୍ମୃତି ତୁମେ ଅକ୍ଷୟ' ସନ୍ଧ୍ୟା



ଫୁଲବାଣୀ/ଫିରିଙ୍ଗିଆ,୧୮ ।୧୧(ସମିସ): ଚିର ସବୁଜ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଫୁଲବାଣୀର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦରେ ସ୍ମୃତି ତୁମେ ଅକ୍ଷୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ କୁମାର ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣ୍ଡଆ, ବନାନୀ କଳା ସଂଗମ ସଭାପତି ଡ଼. ଅରୂପ ଜେନା ଓ ପ୍ରେସ୍ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ ଯୋଗଦେଇ ସମସ୍ତ ସଙ୍ଗୀତକାର ଓ ବାଦ୍ୟଯନ୍ତ୍ରରେ ଦକ୍ଷ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ସାଧନାର ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ସଙ୍ଗୀତ ଗୁରୁ ତଥା ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଏବଂ ନୃତ୍ୟଗୁରୁ ବିନୋଦ ସାହୁଙ୍କ ସଂଯୋଜନାରେ ରମାକାନ୍ତ ମାଝୀ, ପ୍ରାଣକୃଷ୍ଣ ମହାରଣା, ଅସିତ୍ ନନ୍ଦ, ସନ୍ତୋଷ ଦାସ୍, ଯୁଧିଷ୍ଠିର ମହାନ୍ତି, ଦେବସ୍ମିତା ସାହୁ, କ୍ଷୀରାବ୍ଦୀ ତନୟା ଓ ଇଷିତା ପାତ୍ର ସଙ୍ଗୀତ ପରିବେଷଣ କରିଥିଲେ । ରଞ୍ଜିତ ମୁଖୀ, ଗୋପୀନାଥ ରାଉତ,ସନାତନ ମିଶ୍ର, ଅନିରୁଦ୍ଧ ବାଡତ୍ୟା,ଆୟୁଷ ପଟ୍ଟନାୟକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ସମସ୍ତ ଯୁବ ଶିଳ୍ପୀଙ୍କୁ ପୁରସ୍କାର ଦେବାପରେ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଉପସଭାପତି ପ୍ରସନ୍ନ ବିଷୋୟୀ ଏବଂ ଜୟଦେବ ନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ବିପିନ୍ ପଟ୍ଟନାୟକ, ସଚ୍ଚିଦାନନ୍ଦ ମହାପାତ୍ର ଓ ଅନ୍ୟ ସଦସ୍ୟଙ୍କ ସହଯୋଗ କରିଥିଲେ ।

## ● ଶିକ୍ଷୟିତ୍ରୀଙ୍କ ବଦଳିର ପ୍ରତିବାଦ

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ



ଟିକାବାଲି,୧୮ ।୧୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ତଲାରିମାହା ପଞ୍ଚାୟତ ଡୁଗୁଡ଼ି ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା କହଁରଙ୍କୁ ନିକଟରେ ଥିବା କାସିରିଖୋଲ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ବଦଳି କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ନିର୍ଦ୍ଦେଶ ପ୍ରକାଶ ଖବର ପାଇ ଗ୍ରାମବାସୀ ଉତ୍ତେଜିତ ହୋଇଥିଲେ । ଡୁଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ, ୯ଟି ଶ୍ରେଣୀରେ ୪୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ କେବଳ ୪ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ରହିଛନ୍ତି । ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟିରେ ରହିଥିବା ବେଳେ ବର୍ତ୍ତମାନ କେବଳ ୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ୯ ଶ୍ରେଣୀ ଚଳାଉଥିବା ବେଳେ ପୁଣି ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୃଦାନନ୍ଦ କହଁର ଏବଂ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏକତ୍ର ହୋଇ ବିଦ୍ୟାଳୟରେ ପ୍ରାୟ ତିନି ଘଣ୍ଟା କାଳ ତାଲା ପକାଇଥିଲେ । ଏଥିଯୋଗୁ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଫାଟକ ବାହାରେ ରହିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲିକ ଖବର ପାଇ ସିଆରସିସି ବିନୟ ନାୟକଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲିକ ନିଜେ ମଧ୍ୟ ଫୋନ ଯୋଗେ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ଓ ତାଲା ଖୋଲିଥିଲା ।

## ■ ସଚେତନଧର୍ମୀ ଟେଲିଫିଲ୍ମ 'ବୃକ୍ଷ ଦେବତା' ପ୍ରଦର୍ଶିତ

# ଭବାନୀପାଟଣା ଦୂରଦର୍ଶନରେ ହେଲା ପ୍ରସାରିତ

ଜି.ଉଦୟଗିରି,୧୮ ।୧୧(ସମିସ): ମୋନାଲିସା କ୍ରିଏସନ ଦ୍ୱାରା ପ୍ରସ୍ତୁତ ସଚେତନଧର୍ମୀ ଟେଲିଫିଲ୍ମ "ବୃକ୍ଷ ଦେବତା' ଭବାନୀପାଟଣା ଦୂରଦର୍ଶନରେ ସୋମବାର ପ୍ରସାରିତ ହୋଇଛି । ଏହି ଟେଲିଫିଲ୍ମ କନ୍ଧମାଳ ଜିଲ୍ଲାର ସିରିକି ଏବଂ କାଳିଗାଡୁରେ ସୁଟିଂ ହୋଇଥିବା ବେଳେ ସ୍ଥାନୀୟ କଳାକାର ପ୍ରତାପ ରୁଦ୍ରପାତ୍ର ଏବଂ ପ୍ରକାଶ ସାହୁ ନିଖୁଣ ଅଭିନୟ କରିଛନ୍ତି । ବୃକ୍ଷ କିପରି ମଣିଷ ସମାଜ ପାଇଁ ଦେବତା, ସମାଜ ପାଇଁ କଲ୍ୟାଣ କରି ତାହା ଏହି ଫିଲ୍ମର ଲକ୍ଷ୍ୟ ରହିଥିବା ବେଳେ ସମାଜକୁ ସଚେତନତା ବାର୍ତ୍ତା ପ୍ରଦାନ କରିଛି । ଅକ୍ଟୋବର ମାସରେ ସୁଟିଂ ହୋଇଥିବା ଏହି ଟେଲିଫିଲ୍ମ ଗତକାଲି ପ୍ରସାରିତ ହେବା ପରେ ଜି.ଉଦୟଗିରିର କଳାକାରଙ୍କ ନିଖୁଣ ଅଭିନୟ ପାଇଁ ପ୍ରସ୍ତୁତ ସଂସ୍ଥା, ଦୂରଦର୍ଶନ କେନ୍ଦ୍ର ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛା, ଅଭିନନ୍ଦନର ସୁଅ ଛୁଟିଛି । ପ୍ରତାପ ଜଣେ ଉଚ୍ଚ କୋଟିର ଯାତ୍ରା କଳାକାର ହୋଇଥିବା ବେଳେ ଶ୍ରେଷ୍ଠ ଯାତ୍ରା ଦର୍ଶକ ଭାବେ ବହୁବାର ସମ୍ମାନିତ ହୋଇଛନ୍ତି ।

## ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି,୧୮ ।୧୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲ ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର୍ ଡି.ଏନ. ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଡି. ପଦ୍ମା ମଞ୍ଚାସୀନ ଥିଲେ । ପାରଳାଖେମୁଣ୍ଡି ସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଡ଼.ଦୁର୍ଗା ପ୍ରସାଦ ପାଢୀ, ଡ. ଏସ୍. ପି ନନ୍ଦ, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସହନିର୍ଦ୍ଦେଶକ ପ୍ରଜ୍ଞା ପାଣି ମଞ୍ଚାସୀନ ଥିଲେ । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ । ସ୍କୁଲର ଅଧ୍ୟକ୍ଷା ସୁନୀତା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ଏହି ବର୍ଷର ଏକାଡେମିକ ଫଳ, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଉପଲବ୍ଧି ବିଷୟରେ କହିବା ସହ ବିଦ୍ୟାଳୟର ଆଗାମୀ ଦିନର ଉନ୍ନତି ପାଇଁ ସମସ୍ତଙ୍କ ସମର୍ଥନ ଆଶା କରିଥିଲେ । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାରମ୍ପରିକ ଓ ଆଧୁନିକ ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ ଓ ସୃଜନଶୀଳ ପ୍ରସ୍ତୁତି ଟାଏକଣ୍ଡୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ପାଣିଗ୍ରାହୀ, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର, ସ୍କୁଲର ଉପାଧ୍ୟକ୍ଷ ଜେ.କେ. ନାୟକ, ପ୍ରଶାସନିକ ଅଧିକାରୀ ସନ୍ତୋଷ ଦେଓ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆମନ୍ତ୍ରିତ ଅଭିଭାବକ ତଥା ସ୍କୁଲର ସମସ୍ତ କର୍ମଚାରୀ ବୃନ୍ଦ ଏବଂ ସମସ୍ତ ଉପସ୍ଥିତ ରହି ଉତ୍ସବରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## କାଶୀନଗର ପଞ୍ଚାୟତ ସମିତିର ଦ୍ୱାଦଶ ସାଧାରଣ ବୈଠକ

# ହାତୀ ଉପଦ୍ରବକୁ ନେଇ ଉଦ୍‌ବେଗ

କାଶୀନଗର,୧୮ ।୧୧(ସମିସ):




କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଦ୍ୱାଦଶ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟମ୍ମାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିବା ବେଳେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଉପାଧ୍ୟକ୍ଷା ଏସ.କଲ୍ୟାଣୀ, ଜୋନ୧ ଜିଲ୍ଲା ପରିଷଦ ସଦସ୍ୟା ଆର. ରାଜଲକ୍ଷ୍ମୀ, ବିଡ଼ିଓ ଡମ୍ବରୁଧର ମଲ୍ଲିକ ଓ ଏଇ ରଜତ୍ କୁମାର ପାଢ଼ୀ ମଞ୍ଚାସୀନ ଥିଲେ । ଏଥିରେ ହାତୀ ଉପଦ୍ରବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା ।

ବୈଠକ ଆରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଜିପିଓ ଲକ୍ଷ୍ମୀକାନ୍ତ ସାହୁ । ସ୍ୱାସ୍ଥ୍ୟ, ଉନ୍ନୟନ, କ୍ଷୁଦ୍ର ଜଳ ସେଚନ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ, ବିଦ୍ୟୁତ୍, ପାନୀୟ ଜଳ, ଓଡ଼ିଶା ଜୀବିକା ମିଶନ, ଉଦ୍ୟାନ, ସାମାଜିକ ସୁରକ୍ଷା, କୃଷି, ପ୍ରାଣୀଧିନ, ମତ୍ସ୍ୟ, ମହିଳା ଓ ଶିଶୁ ବିଭାଗର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା ।

ଶିଆଳି ସରପଞ୍ଚ 'ହାତୀଙ୍କୁ ହଟାଅ, ଚାଷୀଙ୍କୁ ବଞ୍ଚାଅ' ଲେଖାଥିବା ଏକ ବ୍ୟାନର ଧରି ସମିତି ବୈଠକରେ ରାମ ପ୍ରସାଦ ପଟ୍ଟନାୟକ ଓ ବୁଦୁରା ସମିତିସଭ୍ୟ ବି.ବାବୁରାଓ ଦାବି କରିଥିଲେ । କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳରେ ତଥା ତିନି ପଞ୍ଚାୟତ ବୁଦୁରା, ଗୋରିବନ୍ଧା, ଶିଆଳି ପଞ୍ଚାୟତର ୪ଟିକିଆ ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ । ହାତୀଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ବନ ବିଭାଗକୁ ବହୁ ସମୟରେ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ କରିବାକୁ ପଡୁଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଅସୁବିଧା ହେଉଛି । ଏହାର ପ୍ରତିକାର ଦାବି କରିଥିଲେ ।

ସେହିପରି ସ୍ଥାନୀୟ ଅଞ୍ଚଳରେ ବହୁ ହିତାଧିକାରୀ ତଥା ବୃଦ୍ଧ ମାସିକ ଭତ୍ତାରୁ ବଞ୍ଚିତ ହେଉଥିବା ନେଇ ବିଧାୟକ ଆସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ବିଭାଗର କର୍ମଚାରୀଙ୍କ ସହ ବିଧାୟକ ଆଲୋଚନା କରିଥିଲେ । ବିଡିଓଙ୍କୁ ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କ ଉପରେ ତଦାରଖ କରି କିପରି ଭତ୍ତା ପାଇବେ ସେଥିପ୍ରତି ଦୃଷ୍ଟି ଦେବା ସହ ସରକାରଙ୍କ ପ୍ରତ୍ୟେକ ଯୋଜନାରେ କାଶୀନଗର ବ୍ଲକ ଜନସାଧାରଣ ଅନ୍ତର୍ଭୁକ୍ତ ରହିବେ ସେଥିପ୍ରତି ପଦକ୍ଷେପ ନେବା ନେଇ ଆଲୋଚନା କରିଥିଲେ । ହାତୀ ହଟାଇବା ଓ ସେଥିପ୍ରତି ହୋଇଥିବା କ୍ଷୟକ୍ଷତି ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଉଚିତ୍ ପଦକ୍ଷେପ ଗ୍ରହଣ କରିବା ନେଇ ଚେଷ୍ଟା କରିବେ ବୋଲି ବିଧାୟକ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀମାନେ ତଥା ଲାଇନ୍ ବିଭାଗ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ସହ ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ହୋଇଥିଲେ ।

# ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣିସମ୍ପଦ ମେଳା




**ଗୁମ୍ମା, ୧୮ ।୧୧(ସମିସ):** ଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ମସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଡ଼. ମୁଖ୍ୟ ପ୍ରାଣୀ ଚିକିତ୍ସକ ଗୁମ୍ମାର ରାଜାରାମ ଖଟୁଆ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମସ୍ୟ ଅଧିକାରୀ ଡ଼. ତୁଷାରେନ୍ଦୁ ନାୟକ, ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଜିଲ୍ଲା ପରିଷଦ ସଭ୍ୟା ରେଣୁକା ପାତ୍ର, ସାଂସଦ ପ୍ରତିନିଧି ଏସ.ଶେଷଗିରି, ଏମଓଆଇସି ଡ଼. ପ୍ରାର୍ଥ ପଣ୍ଡା ଓ ଏଲଏସଡ଼ିଏ ଅଧିକାରୀ ଆକାଶ କୁମାର ଦିଗଲ ଯୋଗ ଦେଇଥିଲେ । ଗୁମ୍ମା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ପତିତପାବନ ରଥ ସ୍ୱାଗତ ଭାଷଣ ଦେଇ ସମସ୍ତ ଚାଷୀଙ୍କୁ ସ୍ୱାଗତ କରିବା ସହ ସରକାରଙ୍କ ପ୍ରାଣୀ ପାଳନ ଯୋଜନା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ସେହିପରି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା ଉପରେ ଅବଗତ କରିଥିଲେ । ବିଡ଼ିଓ ଉପସ୍ଥିତ ଥିବା ପ୍ରାଣୀ ପାଳନ ଓ ମସ୍ୟଚାଷୀଙ୍କ ସଫଳ କାହାଣୀ ସହିତ ବିଶେଷଜ୍ଞଙ୍କ ଉପଯୋଗୀ ପରାମର୍ଶ ନେବାକୁ ସୂଚନା ଦେଇଥିଲେ । ମେଳାରେ ଅତିଥି ମାନେ ମସ୍ୟ, ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧ ଆଲୋଚନା କରିଥିଲେ । ଏହି ଅବସରରେ ୮ଜଣ ସଫଳଚାଷୀ ସୁଏଲ ରଇତ, ଜିକନିୟ ଗମାଙ୍ଗ, ଇସମତି ଭୂୟାଁ, ଏନ ଜାଗା ରାଓ, ଏ ରାବଣା ମା ଓ ହେମନ୍ତ ରଇତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୭୧ ପ୍ରତିଶତରେ ଅଟକିଛି ଇ-କେୱାଇସି

# କୁଆଡେ ଗଲେ ୫୨ ହଜାର ଜବ୍‌କାର୍ଡଧାରୀ

**ଭଞ୍ଜନଗର, ୧୮ ।୧୧(ସମିସ)**

ରାସନକାର୍ଡରେ ଭୂତ ହିତାଧିକାରୀ ଚିହ୍ନଟ ପରେ ଏବେ ମନରେଗା ଜବ୍‌କାର୍ଡ ପାଳି । ରାସନକାର୍ଡ ଭଳି ଏଥିରେ ମଧ୍ୟ ଇ-କେୱାଇସି କରିପାରୁନଥିବା ପୁଳାପୁଳା ଭୂତ ହିତାଧିକାରୀ ଥିବା ଚର୍ଚ୍ଚା ହେଉଛି । ଘର ଠାରୁ ଦୂରରେ ରହୁଥିବା ହିତାଧିକାରୀ ଇ-କେୱାଇସି କରିପାରୁନଥିବା କୁହାଯାଉଛି । ହେଲେ ଜବ୍‌କାର୍ଡ କ୍ଷେତ୍ରରେ ହିତାଧିକାରୀ ନିଜ ଅଞ୍ଚଳରେ ରହି ମନରେଗା କାମ କରୁଥିବାରୁ କାହିଁକି ଇ-କେୱାଇସି କରିବାରେ ସକ୍ଷମ ହେଉନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭଞ୍ଜନଗର ଉପଖଣ୍ଡରେ ଏହାର ଅବଧି ସରିବାକୁ ୪ ଦିନ ବାକି ଥିବାବେଳେ, ପ୍ରାୟ ୨୯ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡ଼ିଛି । ଭଞ୍ଜନଗର ଉପଖଣ୍ଡରେ ମନରେଗା କାମରେ ଦୁର୍ନୀତି ହୋଇଥିବା ଖବର ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଛି । ମେସିନ୍ କାମ କରୁଥିବାବେଳେ ଶ୍ରମିକ କାର୍ଯ୍ୟ ଦିବସ ଦେଖାଇ କୋଟିକୋଟି ଟଙ୍କା ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମନରେଗା ଅଧିକାରୀଙ୍କ ଦ୍ୱାରା ହରିଲୁଟ୍ ହୋଇଆସିଛି । କେନ୍ଦ୍ର ସରକାର ମନରେଗା ଜବ୍‌କାର୍ଡଧାରୀ ହିତାଧିକାରୀ ମାନଙ୍କ ଇ-କେୱାଇସି କରିବାକୁ ଯୋଜନା କରିଥିବାବେଳେ ଏବେ ଭୂତ ହିତାଧିକାରୀ ଥିବା ଚର୍ଚ୍ଚା ହେଉଛି । କାରଣ ପଞ୍ଜିକୃତ ସଂଖ୍ୟାଠାରୁ ୫୨, ୭୯୭ ଜଣ ଅର୍ଥାତ୍ ୨୮.୫୫ ପ୍ରତିଶତ ଇ-କେୱାଇସି ନକରିବା ବ୍ୟବସ୍ଥା ପଛରେ ଥିବା ଗଳାବାଟ ଓ ଅନିୟମିତତାକୁ ପଦାରେ ପକାଉଛି । ମନରେଗା ପୋର୍ଟାଲରୁ ମିଳିଥିବା ତଥ୍ୟାନୁସାରେ ଭଞ୍ଜନଗର ଉପଖଣ୍ଡର ମୋଟ ୧ ଲକ୍ଷ ୮୪ ହଜାର ୮୮୧ ହିତାଧିକାରୀଙ୍କ ମଧ୍ୟରୁ ୧ ଲକ୍ଷ ୩୨ ହଜାର ୮୪ ଜଣ ଇ-କେୱାଇସି କରିଛନ୍ତି । ଏହା ୭୧.୪୫ ପ୍ରତିଶତ ରହିଥିବାବେଳେ ଆହୁରି ୨୮.୫୫ ପ୍ରତିଶତ ଅର୍ଥାତ ୫୨, ୭୯୭ ହିତାଧିକାରୀ କୁଆଡ଼େ ଗଲେ ବୋଲି ପ୍ରଶ୍ନ ଉଠିଛି । ରାସନକାର୍ଡରେ ବାରମ୍ବାର ସମୟ ଦେବା ସତ୍ତ୍ୱେ ଭଞ୍ଜନଗର ଉପଖଣ୍ଡରେ ଇ-କେୱାଇସି ଶତ ପ୍ରତିଶତରେ ପହଞ୍ଚି ପାରିନି । ସେମାନଙ୍କୁ ଭୂତ ହିତାଧିକାରୀ କୁହାଯାଉଥିବା ବେଳେ ମନରେଗା ଜବକାର୍ଡ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଖଲ୍ଲିକୋଟ, ୧୮ ।୧୧(ସମିସ):** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ବାଇକ ଚାଳକ ଗୁରୁତର ହୋଇଛନ୍ତି । ଗୁରୁତର ଆହତ ଯୁବକ ଜଣଙ୍କ ଭରସା ନୂଆଁପଲ୍ଲୀ ଗ୍ରାମର ଶ୍ରୀତମ ଗୌଡ଼ । ଶ୍ରୀତମ ଖଲ୍ଲିକୋଟରୁ କାମ ସାରି ବାଇକ ଯୋଗେ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା । ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ସିପିଆଇର ପ୍ରତିବାଦ ସଭା




**ଛତ୍ରପୁର, ୧୮ ।୧୧(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଦଳିତ, ଆଦିବାସୀ, ମହିଳା ଓ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ପ୍ରତିବାଦ ସଭା ଛତ୍ରପୁର ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ଆଦିତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରରେ ମୋଦି ନେତୃତ୍ୱ ବିଜେପି ସରକାର ଆସିଲା ପରେ ସାରା ଦେଶରେ ଦଳିତ, ମହିଳା ଆଦିବାସୀ ଓ ସଂଖ୍ୟାଲଘୁଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ିବାରେ ଲାଗିଛି । ତେଣୁ ଏହାକୁ ବିରୋଧ କରାଯାଇଥିଲା । ଜିଲ୍ଲା ଦଳିତ ନେତା ଗୁରୁନାଥ ପ୍ରଧାନଙ୍କ ନେତୃତ୍ୱରେ ସିପିଆଇ ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ, ଯୁବସଂଘ ରାଜ୍ୟସମ୍ପାଦକ କାମଦେବ ନାହାକ, ସଂଖ୍ୟାଲଘୁ ନେତା ମହମ୍ମଦ ଉସମ୍ମାନ, ସିକେନ୍ଦର ଖାନ, ଏସ.ତ୍ରିନାଥ ରେଡ୍ଡୀ ବରିଷ୍ଠ ନେତା ସୀମାଞ୍ଚଳ ସାହୁ, ଏନ. ସୁକାନ୍ତ ଆଚାରୀ, ପ୍ରଫୁଲ୍ଲ ଜେନା ଲିଙ୍ଗରାଜ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ ।

## ଗୋପବନ୍ଧୁ ସେବା ସମିତିର ସହାୟତା



**ପାତ୍ରପୁର, ୧୮ ।୧୧(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ପୋଲାରଜପୁର ଗ୍ରାମର ବିଜୟ ନାଇକ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ କିଛିଦିନ ପୂର୍ବେ ମୃତ୍ୟୁବରଣ କରିଥିଲେ । ଫଳରେ ତାଙ୍କ ତାଙ୍କ ସ୍ତ୍ରୀ, ଦୁଇ କୁନି ଝିଅ, ପୁଅ ଏବେ ଅସହାୟ ଅବସ୍ଥାରେ ରହିଛନ୍ତି । ଗୋପବନ୍ଧୁ ସେବା ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ସମ୍ପୃକ୍ତ ପରିବାରକୁ ସାକ୍ଷାତ କରି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସମିତି ତରଫରୁ ଗତଦିନରେ କରାଯାଇଥିବା ଅନୁରୋଧକୁ ରକ୍ଷା କରି ପ୍ରଶାସନ ତରଫରୁ ଏକ ଘର ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସମିତି ସଦସ୍ୟ କିଶୋର ମହାରଣା, ସନ୍ତୋଷ ରେଡ୍ଡୀ, ଉପସଭାପତି ପ୍ରସାଦ ମଲ୍ଲିକ, ଶିକ୍ଷକ ପ୍ରଫୁଲ, ଯତୀନ ସାହୁ, ତ୍ରିପତି ପାତ୍ର, ହେମନ୍ତ ସାହୁ, ଅଜିତ କୁମାର ସାହୁ, ଗୌତମ ରଣା, ଅରୁଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ 'ସର୍‌ଗି ଫୁଲ୍' ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୧୮ ।୧୧(ସମିସ):** ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ହାତିବାଡିରେ ଥିବା ମାଇନରିଟି ହଷ୍ଟେଲ ପରିସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ



ସମ୍ପ୍ରଦାୟଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସର୍‌ଗି ଫୁଲ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ରଜନୀର ଉଦ୍‌ଘାଟନୀ ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗଜପତି ଜିଲ୍ଲାପାଳ ମଧୁମିତା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମାଙ୍କ ସମେତ ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜୋନ୍ ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିଲେ । ଏହି ଅବସରରେ ସର୍‌ଗିଫୁଲ୍‌କୁ ନେଇ ଏକ ପୁସ୍ତିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକାଙ୍କ ଆବାହକତ୍ୱରେ ହୋଇଥିଲା ।

## ଦାମିଙ୍ଗିଆ ବାଳିକା ଉଚ୍ଚ ବିଦ୍ୟାଳୟରେ 'ସର୍‌ଗି ଫୁଲ୍'

**ଫିରିଙ୍ଗିଆ, ୧୮ ।୧୧(ସମିସ):** ଫିରିଙ୍ଗିଆ ବ୍ଲକ ଜାଜେସପଙ୍ଗା ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦାମିଙ୍ଗିଆରେ ବ୍ଲକସ୍ତରୀୟ 'ସରଗି ଫୁଲ୍' ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପର୍ଶୁରାମ କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ଶିକ୍ଷା ପ୍ରତିନିଧି କଂସଦେବ ସାହୁ, ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ଇପ୍ସିତା ଜେନା, ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ଜାଜେସପଙ୍ଗାର ପ୍ରଧାନ ଶିକ୍ଷକ ସମରେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଫିରିଙ୍ଗିଆ ବ୍ଲକର ୧୭ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ୪ ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟ ୧୨ ଆବାସିକ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସକାଳେ ୯ଟାରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତି ଛାତ୍ରଛାତ୍ରୀଙ୍କୁ ଶେଷରେ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଦାମିଙ୍ଗିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ, ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିଆ ପ୍ରଧାନଶିକ୍ଷକ ସରୋଜ ସାହୁ, ପିଏମ୍‌ଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ି, କାଙ୍ଗାପଡ଼ା ସେବାଶ୍ରମର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ, ତଳପଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନ, ପିପଲପଦା ସେବାଶ୍ରମ ପ୍ରଧାନଶିକ୍ଷକ ଶ୍ରୀୟାଭଞ୍ଜ



ମଲିକ, ପଲାବୃଢ଼ି ସେବାଶ୍ରମ ପ୍ରଧାନଶିକ୍ଷକ ଜିତେନ୍ଦ୍ର ରାଉତ, ଗୋଚ୍ଛାପଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତ କହଁର ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଚାରପତି ଭାବରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସୁବ୍ରତ ମହାନ୍ତିଙ୍କ ସହ ବରିଷ୍ଠ କଳାକାର ରଞ୍ଜିତ ମୁଖି ଦାୟିତ୍ୱ ନେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଜିଲ୍ଲାସ୍ତରରେ ଭାଗ ନେବେ ବୋଲି ସୂଚନା ମିଳିଛି ।

## ଚଳଚଞ୍ଚଳ କନ୍ଧମାଳ

## କାଳିଗାଡୁ ହିଲଟପ୍‌ରେ ପର୍ଯ୍ୟଟକଙ୍କ ଭିଡ଼

**ଜି.ଉଦୟଗିରି, ୧୮ ।୧୧(ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କନ୍ଧମାଳ ଜିଲ୍ଲାରେ ଶୀତ ଯେତିକି ବଢୁଛି ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ସେତିକି ବଢୁଛି । ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା କମିବାରେ ଲାଗିଥିବା ବେଳେ ମଙ୍ଗଳବାର ଦିନ ଏହା ୫. ୬ ଡିଗ୍ରୀରେ ପହଞ୍ଚିଛି । ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଦୀର୍ଘବର୍ଷ ହେଲା ରେକର୍ଡ ହେବା ପରେ ଏବେ ଜି.ଉଦୟଗିରିର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡିକରେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଛି । କାଳିଗାଡୁ ହିଲ୍‌ଟପ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି । ଏଠାରେ ଶହଶହ ଗାଡ଼ି ଲାଗିବା ସହିତ ପର୍ଯ୍ୟଟକଙ୍କ ଗହଳି ଜମୁଛି । ଶୀତର ମଜା ନେବା ସହିତ ସୁଦୀର୍ଘ ପର୍ବତ ମାଳାର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି ପର୍ଯ୍ୟଟକ । ଜି.ଉଦୟଗିରି ସହରରୁ ଏହା ମାତ୍ର କିଛି କିମି ହୋଇଥିବା ବେଳେ ଯାତାୟାତ ପାଇଁ ସବୁବେଳେ ସୁବିଧା ରହିଛି । ପାର୍କିଂ ସୁବିଧା ସହିତ ହିଲ୍‌ଟପ ଉପରକୁ ଯିବାକୁ ଏବେ ରାସ୍ତା ନିର୍ମାଣ ହୋଇଥିବାରୁ ଯାତାୟାତ ହୋଇଛି ସହଜ । ଯାହାକୁ ନେଇ ପର୍ଯ୍ୟଟକ ସନ୍ତୋଷ ପ୍ରକାଶ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ସ୍ମୃତି ନେଇ ଫେରୁଛନ୍ତି । ଏହା ସହିତ ହିଲ୍ ଟପ



ଯିବା ରାସ୍ତାରେ ସିରିକି ଇକୋ ପାର୍କରେ ବଣ ଭୋଜିର ଆୟୋଜନ ହେଉଥିବା ଦେଖିବାକୁ ମିଳିଛି । ଛୁଟିଦିନ ମାନଙ୍କରେ ଏହି ଗହଳି ଦ୍ୱିଗୁଣିତ ହେଉଛି । ପର୍ଯ୍ୟଟନ ବିଭାଗ ତରଫରୁ ଅଧିକ ଧ୍ୟାନ ଦେବା, ସିରିକି ଇକୋ ପାର୍କ ନିକଟରେ କଟେଜ ନିର୍ମାଣ କରିବା ସହିତ ବୋଟିଂ ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି ହୋଇଛି ।

## ଗୋଚ୍ଛାପଡ଼ାରୁ ନିଖୋଜ ନାବାଳକ ଭୁବନେଶ୍ୱରରୁ ଉଦ୍ଧାର

**ଫିରିଙ୍ଗିଆ, ୧୮ ।୧୧(ସମିସ):** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା କ୍ରାଣ୍ତିବାଲି ପଞ୍ଚାୟତରୁ ନିଖୋଜ ନାବାଳକକୁ ଭୁବନେଶ୍ୱରରୁ ଉଦ୍ଧାର କରିଛି ଗୋଚ୍ଛାପଡ଼ା ପୁଲିସ । ୪ ତାରିଖରେ ୧୭ ବର୍ଷୀୟ ନାବାଳକ ଜଣକ ନିଖୋଜ ହୋଇଥିବା ନେଇ ୫ ତାରିଖରେ ପରିବାର ତରଫରୁ ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାକୁ ନେଇ ନିର୍ଦ୍ଦିଷ୍ଟ ଏକ ଖବର କାଗଜରେ ଫ୍ରି ଫାୟାର ଗେମ୍ ଖେଳି କାର ଜିତିଥିବା ଏବଂ ଅପହରଣକାରୀ ଆସି ଏକ କାରରେ ଅପହରଣ କରିଥିବା ଏବଂ ବାହାର ରାଜ୍ୟରେ ଏକ ରେଳ ଷ୍ଟେସନରେ ପହଞ୍ଚିଥିବା ମିଥ୍ୟା ଖବର ପ୍ରକାଶ କରିଥିଲା । ଏହାକୁ ପଢ଼ି ନାବାଳକଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ । ହେଲେ ଗୋଚ୍ଛାପଡ଼ା ପୁଲିସ ୧୫ ଦିନ ପରେ ଭୁବନେଶ୍ୱରରୁ ନାବାଳକକୁ ଉଦ୍ଧାର କରିଛି । ଅପହରଣ ମିଥ୍ୟା ଏବଂ ନାବାଳକ ଜଣକ କାମ କରିବାକୁ ଯାଇଥିବା ପୁଲିସ ସ୍ପଷ୍ଟ କରିଛି ।

## ଜନଜାତୀୟ ଗୌରବ ଦିବସ



**ଧରାକୋଟ, ୧୮ ।୧୧(ସମିସ):** ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ବା ଜନ ଜାତି ଗୌରବ ଦିବସ ଧରାକୋଟ ବ୍ଲକ ବଳରାମପୁର ଆଶ୍ରମ ବିଦ୍ୟାଳୟରେ ପାଳନ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଗୀତାଞ୍ଜଳୀ ମଲିକ, ସମିତି ସଭ୍ୟ ଜୋସେଫ ମଣ୍ଡଳ, ଏବିଇଓ ସୌରୀ ଶଙ୍କର ବେହେରା, ବିଭୁତି ଭୁଷଣ ପାତ୍ର, ଏସଏମସି ସଭାପତି ଶରତ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପ୍ର ଚରଣ ବେହେରା, ନାଏବ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସିଆରସିସି ଗୌରୀ ଶଙ୍କର ଶତପଥୀ, ସମାଜସେବୀ ବିଭୁତି ଭୁଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୀତାଞ୍ଜଳୀ ତ୍ରିପାଠୀ, ବସନ୍ତ ସେଠୀ, ତରୁଣ ସାହୁ, ଉଷା ରାଣୀ ଶତପଥୀ ପ୍ରମୁଖ ସହଯୋଗ କରିଥିବା ବେଳେ କାଳୁ ଚରଣ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଧରାକୋଟ, ୧୮ ।୧୧(ସମିସ):** ଧରାକୋଟ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅସିଓ ଶବର, ଏବିଡିଓ ସୁଶିଲ ପଟ୍ଟନାୟକ, ସାଂସଦ ପ୍ରତିନିଧି ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିଏସଏସଓ ସଚିନ ପାତ୍ର ସଂଯୋଜନା କରିଥିଲେ । ଶିବିରରେ ୪୧୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉପକରଣ ନିମନ୍ତେ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଟ୍ରାଇ ସାଇକେଲ, ୧୮ ଜଣଙ୍କୁ ହ୍ୱିଲ ଚେୟାର, ୨୩ ଜଣଙ୍କୁ ଆଶା ବାଡି, ୫୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଭତ୍ତା, ରାସନ କାର୍ଡ ଓ ଆବାସ ଯୋଜନା ପାଇଁ ୧୩୧ ଜଣ ଭିନ୍ନକ୍ଷମ ଆଜିର ଶିବିରରେ ଆବେଦନ କରିଥିବା ଜଣାଯାଇଛି । ଏବିଡିଓ ସୁଶିଲ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିନ୍ନକ୍ଷମ ହୋଇ ବି ସ୍ୱାବଲମ୍ବୀ

# ପ୍ରତାପଙ୍କୁ ପରିଚୟ ଦେଇଛି ଗେଣ୍ଡୁଫୁଲ ଚାଷ

**ରମ୍ଭା, ୧୮ ।୧୧(ସମିସ)**

ଚାକିରିଟିଏ ହିଁ ଭଲ ରୋଜଗାରର ପରିଚୟ ହୋଇଥାଏ । ଯଦିଓ ସମସ୍ତଙ୍କ ପାଖରେ ଏହା ସମ୍ଭବ ନାହିଁ ତେଣୁ ନିଜ ଅଞ୍ଚଳ ଛାଡ଼ି କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି ଯୁବଗୋଷ୍ଠୀ । ହେଲେ ନିଜର ଆତ୍ମବିଶ୍ୱାସ, ଦୃଢ଼ ପରିଶ୍ରମ ବଳରେ ନିଜର ଶାରିରୀକ ଭିନ୍ନକ୍ଷମକୁ ଭ୍ରୁକ୍ଷେପ ନ କରି ଜଣେ ଯୁବଚାଷୀ ନିଜର ୧୪ଭରଣ ୧୦ନଉତି କ୍ଷେତରେ ଗେଣ୍ଡୁଫୁଲ, ୧୫/୨୨ ଫୁଲକୋବି ଭିତରେ ପେଷ୍ଟିଜ (ବର୍ଷା ଦିନିଆ), ଶୀତଳ (ଶୀତ ଦିନିଆ), ୧୦୭, ସପେଟା, କଲରା, ମୂଳା, ଲେମ୍ବୁ, ଟମାଟୋ, କଖାରୁ, ମୁନିଙ୍ଗା, ଆମ୍ବ ଭଳି ବିଭିନ୍ନ ଚାଷ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।



ରମ୍ଭା ନିକଟସ୍ଥ ମଧୁରୁଚୁଆ ଗ୍ରାମର ପ୍ରଫୁଲ୍ଲ ନାୟକ ଓ ଶୈଳ ନାୟକଙ୍କ ପୁଅ ହେଲେ ପ୍ରତାପ ଚନ୍ଦ୍ର ନାୟକ । ସେ ନିଜ ଜମିରେ କୌଣସି ବାଡ଼ବତାସ ଓ ପଡୋଶୀ ଚାଷୀଙ୍କ ବାଦୀ ପ୍ରତିବାଦୀଙ୍କୁ ସମଝୋତା କରି ବିଗତ ଦୀପାବଳି ଅମାବାସ୍ୟା ଠାରୁ ଜିଲ୍ଲା ସହିତ ଆନ୍ତଃ ଜିଲ୍ଲାରେ ଗେଣ୍ଡୁ ଫୁଲ ବେପାର କରି ଲକ୍ଷାଧିକ ଟଙ୍କା ରୋଜଗାର କରିଥିବା ପ୍ରକାଶ କରିଛନ୍ତି । ଏହା ଆଗକୁ ଦୁଇମାସ ସହିତ ବର୍ଷ ତମାମ ବିବାହ, ପୂଜା ମଣ୍ଡପ, ଘର ପ୍ରତିଷ୍ଠା କ୍ରମଶଃ ଏହି ଫୁଲର ଚାହିଦା ଜାରି ରହିବ । ଅମଳ ଫସଲକୁ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନ ଥିବା ଓ ବଜାର ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ କୌଣସି ସକ୍ଷମ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରତାପଙ୍କ ଜମି ନନ୍ଦିଘର ପାହାଡ଼ ପାର୍ଶ୍ୱ ଓ ମଧୁରୁଚୁଆ ରାସ୍ତାର ଅନତି ଦୂରରେ ରହିଛି । ସ୍ତ୍ରୀ ସୁପ୍ରଭା ନାୟକ ଓ ପୁଅ ଝିଅ ଦୁଇ ଜଣଙ୍କୁ ନେଇ ସଂସାର । ତେବେ ଦୁଆର ମୁହଁରୁ ବଣିଜ ବେପାର ହୋଇପାରୁ ନ ଥିବାରୁ ବେଳେ ବେଳେ ଜମିରେ ଅମଳ ହୋଇ ବଗ ଓ ବାରହା ଖାଇବା ସହ ପଚିସଢ଼ି ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି । ଏହାସହିତ କୁହୁଡି କାରଣରୁ ମଧ୍ୟ କ୍ଷତି ହେଉଛି । ଜଳସେଚନ ବ୍ୟବସ୍ଥା ସହିତ ନିଜ ଜମିରେ ତାର ଜାଲି ବାଡ଼, ପଲିଥିନ ଆଚ୍ଛାଦାନ ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ ଗେଣ୍ଡୁ ଫୁଲ ଆଦାୟ କରି ଦୁଇ ପଇସା ରୋଜଗାର ସାଙ୍ଗକୁ ସ୍ୱତନ୍ତ୍ର ପରିଚୟ ଅଞ୍ଚଳରେ ସୃଷ୍ଟି କରିଛନ୍ତି । ତେବେ ଅନ୍ୟାନ୍ୟ ଆନୁସାଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ଅଧିକ ଲାଭବାନ ହୋଇପାରନ୍ତେ ବୋଲି ଜଣାଇଛନ୍ତି ।

## ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣିସମ୍ପଦ ମେଳା

**ବେଲଗୁଣ୍ଠା, ୧୮ ।୧୧(ସମିସ):** ବେଲଗୁଣ୍ଠା ନୋଡାଲ୍ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାକୁ ଉଦଘାଟନ କରିଛନ୍ତି । ସ୍ୱତନ୍ତ୍ର ଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ମୁଖ୍ୟବକ୍ତା ରୂପେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଅଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବେଲଗୁଣ୍ଠା ତହସିଲଦାର ତଥା ବିଡିଓ କଳାକୃଷ୍ଣ ପ୍ରଧାନ,



ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ, ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ଗଞ୍ଜାମ ଜିଲ୍ଲା ମସ୍ୟ ଅଧିକାରୀ ଭାରତ ଭୂଷଣ ଜେ ପ୍ରମୁଖ ମଞ୍ଚାସୀନ ଥିଲେ ଓ ବେଲଗୁଣ୍ଠା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କାର୍ତ୍ତିକ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳାକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ୮ ଜଣ ଶ୍ରେଷ୍ଠ ପ୍ରାଣୀପାଳକ ଓ ମସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧନା ସହ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର୍ କବିରାଜ ସେଠୀ, ସହକାରୀ ନିର୍ବାହି ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରୀପାଠୀ, ଯୁବ ସଂଗଠକ ଜିତେନ୍ଦ୍ର କୁମାର ନାୟକ, ପ୍ରାଣୀ ଚିକିତ୍ସକ (ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା) ଡାକ୍ତର ସଞ୍ଜୟ ମହାପାତ୍ର, ଗାଙ୍ଗପୁର ପ୍ରାଣୀ ଚିକିତ୍ସକ ଡାକ୍ତର ଅବିନାଶ ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ସସ୍ମିତା ଗୌଡ଼, ସହକାରୀ କୃଷି ଅଧିକାରୀ ଶୈଳସୂତା ସାହୁ, ସହକାରୀ ମସ୍ୟ ଅଧିକାରୀ ଶୁଭେନ୍ଦୁ ଆଚାରୀ, ସମସ୍ତ ପ୍ରାଣୀଧନ ନିରକ୍ଷକ ଏବଂ କର୍ମଚାରୀ ଯୋଗ ଦେଇଥିଲେ ।

**ଭଞ୍ଜନଗର:** ସ୍ଥାନୀୟ ଜଳସମ୍ପଦ ଡାକ ବଙ୍ଗଳା ପଡ଼ିଆରେ ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ରାଜ୍ୟ ମସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ । ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ତାଙ୍କୁ ସ୍ୱାଗତ ଜଣାଇଥିଲେ । ସେହିପରି ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡିଓ ଭାରତୀ ଦେବୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ମାଛ ଚାଷ, ଗୋପାଳନ, ପୋଖରୀ ଖନନ, କୁକୁଡା ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କିଛି ହିତାଧିକାରୀଙ୍କୁ ମନ୍ତ୍ରୀ ଓ ବିଧାୟକ ଚେକ୍ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କୃଷି ଅଧିକାରୀ ଭାରତ ଭୂଷଣ ମହାନ୍ତି, ସିଡିଭିଓ ଡକ୍ଟର ଅଞ୍ଜନ କୁମାର ଦାଶ, ବିଡିଓ ନିଶି ସ୍ୱପ୍ନା ଗଡ଼ନାୟକ, ଜଗନ୍ନାଥ ପ୍ରସାଦ ବିଡିଓ ନିହାର ରଞ୍ଜନ ସାମନ୍ତରାୟ, ପ୍ରାଣୀ ସମ୍ପଦ ରିସର୍ଚ୍ଚ ଅଫିସର ମନୋଜ କୁମାର ଷଡଙ୍ଗୀ, ଘୁମୁସର ଜିଲ୍ଲା ବିଜେପି ସଭାପତି ନୀଳମାଧବ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି, ରବୀନ୍ଦ୍ର କୁମାର ଗୌଡ଼ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଭଞ୍ଜନଗର ପ୍ରାଣୀ ଧନ ତାଲିମ କେନ୍ଦ୍ର ପ୍ରଶିକ୍ଷକ ଡକ୍ଟର ସୌମ୍ୟରଞ୍ଜନ ପତି କାର୍ଯ୍ୟକ୍ରମ ସଂଯୋଜନା ଓ ସଞ୍ଚାଳନ କରିଥିବା ବେଳେ ବିଡିଓ ଶ୍ରୀ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୬୭ ● ପାଉଣ୍ଡ ୧୧୬.୩୯
- ୟୁରୋ ୧୦୨.୯୩ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୫,୯୬୦ (ନୂଆଦିଲ୍ଲୀ)
- ରୁପା : ୧,୬୬,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୬୭୩.୦୦
- ନିଫ୍ଟି ୨୫,୯୧୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଆମେରିକା କୃଷି ଉତ୍ପାଦ ଲାଗି ବଜାର ଖୋଲିବ ଭାରତ

# ଶୁଳ୍କମୁକ୍ତ ହେଲା ମକା, ଦୁଗ୍ଧ, ସୋୟାବିନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଟାରିଫ୍‌କୁ ନେଇ ଶେଷରେ ଆମେରିକା ଆଗରେ ମୁଣ୍ଡ ନୁଇଁଲା ଭାରତ। ଟ୍ରମ୍ପ୍ ପ୍ରଶାସନ ଆଗରେ କୃଷି ଉତ୍ପାଦରେ ଶୁଳ୍କ ଲାଗୁ କ୍ଷେତ୍ରରେ ସାଲିସ୍ କଲା ଭାରତ। ଭାରତ ଏବେ ଆମେରିକା ପାଇଁ କୃଷି କ୍ଷେତ୍ରରେ ନିଜର ବଜାର ଖୋଲିଦେଇଛି। ଏହାଫଳରେ ଆମେରିକାରୁ ଭାରତ ଆସୁଥିବା ସୋୟାବିନ୍,ମକା ଏବଂ କିଛି ଦୁଗ୍ଧ ଉତ୍ପାଦ ଉପରେ ଆଉ ଶୁଳ୍କ ଲାଗୁ ହେବ ନାହିଁ। ଭାରତ ଏସବୁ ଉତ୍ପାଦ ଉପରୁ ଶୁଳ୍କ ହଟାଇଦେଇଛି। ଯଦିବା କୃଷିକ୍ଷେତ୍ରରେ ଟାରିଫ୍ ପ୍ରସଙ୍ଗରେ ଭାରତ ଆମେରିକା ଆଗରେ ମୁଣ୍ଡ ନୁଇଁବ ନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର କହୁଥିଲେ, ଶେଷରେ ଏ କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ସହ ସାଲିସ୍ କରିଛନ୍ତି। ଏହାପରେ ଖୁବ୍‌ଶୀଘ୍ର ହେବ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାକୁ ନେଇ ବର୍ତ୍ତମାନ ସକାରାତ୍ମକ ସଙ୍କେତ ମିଳିବାରେ ଲାଗିଛି। ଅପରପକ୍ଷେ ଟାରିଫ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାଣ ଭାଙ୍ଗିବାରେ ଲାଗିଛି। ଧୀରେ ଧୀରେ ନରମ ସ୍ୱଭାବ ଦେଖାଉଛନ୍ତି ଟ୍ରମ୍ପ୍।

ଚଳିତମାସ ଶେଷ ଭାଗରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ହେବା ନେଇ




ଆଶା କରାଯାଉଛି। ଏ ସମ୍ପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ, ରୁଷଠାରୁ ତୈଳ ଆମଦାନୀ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇସାରିଛି। ଏହାକୁ ଟ୍ରମ୍ପ୍ ମଧ୍ୟ ସ୍ୱୀକାର କରିସାରିଛନ୍ତି। ସେ କହିଛନ୍ତି ଯେ, ଭାରତ ଉପରେ ରୁଷଠାରୁ ତୈଳ ଆମଦାନୀ କ୍ଷେତ୍ରରେ ଲାଗୁ କରାଯାଇଥିବା ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରିନିଆଯିବ। ଅପରପକ୍ଷେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାର ନିକଟତର। ଭାରତ-ଆମେରିକା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬ ପର୍ଯ୍ୟାୟ ଆଲୋଚନା ହୋଇସାରିଛି। ଚଳିତବର୍ଷ ଶେଷ ସୁଦ୍ଧା ଆଲୋଚନାର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ଜଟିଳ ପ୍ରସଙ୍ଗଗୁଡିକରେ ଆଲୋଚନା ଜାରି ରହିବ।


ରିପୋର୍ଟ ଅନୁଯାୟୀ, ଭାରତ ସୋୟାବିନ୍, ମକ୍କା ସମେତ କିଛି ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ମୁକତ କରିବାକୁ ନିଜର ବଜାର ଆମେରିକା ପାଇଁ ଖୋଲିଦେବେ। ଦୁଇ ଦେଶ ବର୍ତ୍ତମାନ ଶୁଳ୍କ ଏବଂ କୃଷି ଉତ୍ପାଦ ଉପରେ ପାରସ୍ପରିକ ଶୁଳ୍କ ହାରକୁ ଅନ୍ତିମ ରୂପ ଦେବା ଉପରେ କାମ କରୁଛି। ଉଭୟ ପକ୍ଷ ଶୁଳ୍କ ମୁକ୍ତ ଏବଂ କମ୍ ଶୁଳ୍କ ଲାଗୁ ଥିବା ଆମଦାନୀ ପାଇଁ ଉତ୍ପାଦଗୁଡିକର ସୂଚୀ ସହ ଜଡିତ ଅଧିକାଂଶ ବାବାଦୀୟ ପ୍ରସଙ୍ଗର ସମାଧାନ କରିସାରିଛନ୍ତି। ନିକଟରେ ଭାରତ ପାଇଁ ନୂତନ ନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଟ୍ରମ୍ପ୍ କହିଥିଲେ ଯେ, ଭାରତ ସହ ଆମେ ଏମିତି ଏକ ବୁଝାମଣା ଚୁକ୍ତି କରୁଛୁ ଯାହା ପୂର୍ବରୁ ହୋଇଥିବା ଚୁକ୍ତି ତୁଳନାରେ ଭିନ୍ନ ରହିବ। ରପୋର୍ଟ ଅନୁଯାୟୀ, ଭାରତ- ଆମେରିକା ଉଚ୍ଚ ସ୍ତରୀୟ ଆଲୋଚନାର ଲକ୍ଷ୍ୟ ଥିଲା କିଛି ଭାରତୀୟ ଉତ୍ପାଦର ରପ୍ତାନି ଉପରେ ୫୦% ଟାରଇଫ୍ ଲାଗିବା ପରେ ମଧ୍ୟ ବାଣିଜ୍ୟ ଉତ୍ତେଜନା ଶେଷ କରିବା।

ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

# ବିଶ୍ୱବ୍ୟାପୀ କ୍ଲାଉଡ୍‌ଫ୍ଲେୟାର ଡାଉନ୍

## କାମ କରୁନି ଓପନ୍‌ଏଆଇ, ଚାର୍ଟଜିପିଟି, ପରପ୍ଲେକ୍ସିଟି ଓ ଏକ୍ସ ୱେବସାଇଟ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ସାରା ବିଶ୍ୱରେ କ୍ଲାଉଡ୍‌ଫ୍ଲେୟାର ଡାଉନ ହେବା ପରେ କମ୍ପାନୀର ନେଟୱାର୍କ ଉପରେ ନିର୍ଭର କରୁଥିବା ହଜାର ହଜାର ୱେବସାଇଟ୍ ଆଜି ଡାଉନ୍ ହୋଇଯାଇଛି। ଘଟଣା ସମ୍ପର୍କରେ ଏବେ କମ୍ପାନୀ ଗ୍ରାହକମାନଙ୍କୁ ଅବଗତ କରାଇଛି। ଏ ନେଇ କମ୍ପାନୀ କହିଛି ଯେ, ସେ କ୍ଲାଉଡଫ୍ଲେୟାର ସମସ୍ୟା ବିଷୟରେ




ଅବଗତ ଅଛି ଏବଂ ଏହା ଉପରେ ତଦନ୍ତ କରୁଛି। ଏହା ବିଶ୍ୱରେ ବହୁ ସହଖ୍ୟାରେ ଗ୍ରାହକଙ୍କୁ ପ୍ରଭାବିତ କରୁଛି। ବ୍ୟାପକ ୫୦୦ ଏରର, କ୍ଲାଉଡଫ୍ଲେୟାର ଡ୍ୟାସବୋର୍ଡ ଏବଂ ଏପିଆଇ ମଧ୍ୟ ଫେଲ୍ ହୋଇଛି। ଆମେ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ସହ ସମସ୍ୟାକୁ ହ୍ରାସ କରିବା ପାଇଁ କାମ କରୁଛୁ। ଅଧିକ ଅପଡେଟ୍ ଖୁବ୍ ଶୀଘ୍ର ଆସିବ ବୋଲଇ କମ୍ପାନୀ କହିଛି। କ୍ଲାଉଡଫ୍ଲେୟାର ଡାଉନ ହେବା ପରେ ଏହାସହିତ ଜଡ଼ିତ ୱେବସାଇଟ୍ ମଧ୍ୟରେ ଏକ୍ସ (ପୂର୍ବର ଟ୍ୱିଟର), ଓପନ୍‌ଏଆଇ/ଚାର୍ଟଜିପିଟି, ଲିଗ୍ ଅଫ୍ ଲିଜେଣ୍ଡସ, ସ୍ୱର୍ଟିଫାଏ, କାନ୍‌ଭା, ପରପ୍ଲେକ୍ସିଟି, ଜେମିନି, ଗ୍ରୀଣ୍ଡର ଏବଂ ଲେଟରବକ୍ସଡି ଆଦି ଡାଉନ ହୋଇଯାଇଛି। କ୍ଲାଉଡ୍‌ଫ୍ଲେୟାର ବିଭ୍ରାଟ ଯୋଗୁ ପ୍ରଭାବିତ ହୋଇଥିବା ସାଇଟ୍ ତାଲିକାରେ ଲୋକପ୍ରିୟ ଡିଜାଇନିଂ ପ୍ଲାଟଫର୍ମ କାନ୍‌ଭା ମଧ୍ୟ ରହିଛି। ଡାଉନ୍‌ଡିଟେକ୍ଟର ଅନୁଯାୟୀ,ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ସନ୍ଧ୍ୟା ୫ଟା ୯ ସୁଦ୍ଧା ସର୍ବାଧିକ ଥିଲା, ୧୧,୦୦୦ରୁ ଅଧିକ ସମସ୍ୟା ନେଇ ରିପୋର୍ଟ କରିଛି। ଏଥିଯୋଗୁ ୭୫ ହଜାର ୱେବସାଇଟ ଡାଉନ୍ ରହିଛି।

# 'ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ'

## କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ନବ ନିର୍ବାଚିତ ପଦାଧିକାରୀଙ୍କୁ ନିଯୁକ୍ତି




ଭୁବନେଶ୍ୱର,୧୮।୧୧(ସମିସ) : ଭାରତୀୟ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏସନ୍ସ (କ୍ରେଡାଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଚଳିତ ନଭେମ୍ବର ୧୮ରେ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆଗାମୀ କାର୍ଯ୍ୟକାଳ ପାଇଁ ଏହାର ନବ ନିର୍ବାଚିତ ପଦାଧିକାରୀଙ୍କୁ ସଫଳ ଭାବରେ ନିଯୁକ୍ତି ଦେଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ , ଆମେ ସରକାରକୁ ଆସିଲାବେଳେ ଅନେକ ସମସ୍ୟା ଜଡ଼ିତ ଥିଲା। ଏସବୁର ସମାଧାନ ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ତତ୍ପର। ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମି ଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ। ସେ ରାଜ୍ୟର ସହରାଞ୍ଚଳ ବିକାଶରେ କ୍ରେଡାଇର ଭୂମିକାକୁ ପ୍ରଶଂସା କରିବା ସହ ଐତିହ୍ୟ ସମସ୍ୟାର ସମାଧାନ, ଅନୁମୋଦନକୁ ସୁଗମ କରିବା ଏବଂ ନୈତିକ ରିଅଲ ଇଷ୍ଟେଟ୍ ଅଭ୍ୟାସ ପାଇଁ ଏକ ଅନୁକୂଳ ପରିବେଶ ପ୍ରୋତ୍ସାହିତ କରିବାରେ ସରକାରୀ ସମର୍ଥନ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଶେଖ ମୈରାଜୁଲ ହକ୍ କ୍ରେଡାଇ ଭୁବନେଶ୍ୱରର ନୂତନ ସଭାପତି ଭାବରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ନବ ନିର୍ବାଚିତ ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶରତ କୁମାର ସାହୁ, ମନୋଜ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ସୌଭାଗ୍ୟ ସୁନ୍ଦର ରାଉତରାୟ , ନାଭାଲ ମହାଜନ ଏବଂ କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲା ପ୍ରମୁଖ ରହିଛନ୍ତି। ପରିଚାଳନା କମିଟିରେ ଅନ୍ତର୍ଭୁକ୍ତ ଅନ୍ୟ ବିଶିଷ୍ଟ ସଦସ୍ୟଙ୍କ ମଧ୍ୟରେ ଶଶି ଶେଖର ଗଡ଼ବାବୁ, ଅଭୟ କୁମାର ପଣ୍ଡା, ଆଦିତ୍ୟ ଦାସ, ମାନସ କୁମାର ବେହେରା ଏବଂ ଅଶ୍ୱିନୀ କୁମାର ପାଢ଼ୀ ରହିଛନ୍ତି। ବରିଷ୍ଠ ନେତା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କ୍ରେଡାଇ ଓଡ଼ିଶାର ପ୍ରତିଷ୍ଠାତା ସଦସ୍ୟ ମଧୁ ମହାନ୍ତି ଶପଥ ପାଠ କରାଇଥିଲେ। ନବନିର୍ବାଚିତ ସଭାପତି ଶେଖ୍ ମୈରାଜୁଲ୍ ହକ୍ ତାଙ୍କର ଦୃଷ୍ଟିକୋଣ ଏବଂ ଭବିଷ୍ୟତ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ସରକାରଙ୍କ ସହିତ ସହଯୋଗ, ରେରା ନିର୍ଦ୍ଦେଶାବଳୀ ପାଳନ ଏବଂ ଅଂଚଳରେ ସୁଲଭ ଏବଂ ସ୍ଥାୟୀ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନିର୍ବାଚିତ ସଭାପତି ଉମାଶଙ୍କର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ (ଏକାମ୍ର, ଭୁବନେଶ୍ୱର) ଏବଂ ବିଧାୟିକା ସୋଫିଆ ଫିରଦୌସ (ବାରବାଟୀ-କଟକ) ଯୋଗଦେଇଥିଲେ। ଏଥିରେ କ୍ରେଡାଇ ଭୁବନେଶ୍ୱରର ସଭାପତି କହିଛନ୍ତି, ଆମେ ସରକାର ଏବଂ ସମସ୍ତ ଅଂଶୀଦାରଙ୍କ ସହିତ ଘନିଷ୍ଠ ଭାବରେ କାମ କରି ଭୁବନେଶ୍ୱର ଏବଂ ଓଡ଼ିଶାକୁ ସ୍ୱଚ୍ଛ, କ୍ରେତା-ଅନୁକୂଳ ଏବଂ ସ୍ଥାୟୀ ରିଅଲ୍ ଇଷ୍ଟେଟ୍ ବିକାଶ ପାଇଁ ଏକ ମଡେଲ୍ କରିବା ପାଇଁ ପ୍ରତିବଦ୍ଧ।

## ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ପାଇଁ ମିଳିବ ଫସଲ କ୍ଷତି କ୍ଷତିପୂରଣ

# କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁମୋଦନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିଓ୍ୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି।



ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ 'ଆଡ୍-ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକଧି ପ୍ରଭାବିତ ଜିଲ୍ଲା ଜି /ବୀମା ୟୁନିଟଗୁଡ଼ିଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସକ୍ଷ କ୍ଷତି ସୂଚସୂ ନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍‌ରେ ଜିଓ –ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁଗୁରୁତ୍ୱପୂର୍ଣ୍ଣପୂ ର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିଓ୍ୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି। ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟ କାରୀ କରାଯିବ। ହାତୀ, ଜଙ୍ଗଲି ଘୁଷୁରୀ , ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ,ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥାନ୍ତି। ଏ ପର୍ଯ୍ୟନ୍ତ ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନ ଥିଲା , ଯାହାଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥାନ୍ତି।

# ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫

ଭୁବନେଶ୍ୱର, ୧୮ ।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ଓଡ଼ିଶା ପାଭିଲିୟନ୍' ରାଜ୍ୟରେ ବାଣିଜ୍ୟ ସମ୍ଭାବନା ଓ ବାଣିଜ୍ୟିକ ବାତାବରଣର ବାର୍ତ୍ତା ବାଣ୍ଟୁଛି। ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରୁଛି। ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଣ୍ଟସ




ପକ୍ଷରୁ ତ୍ରିପୁରା ଶିଳ୍ପ ବିଭାଗ, ହରିୟାନାର ଅରିହନ୍ତ ପେଣ୍ଟସ, ନୂଆଦିଲ୍ଲୀର ଏ.ଏଲ୍. ଏମ୍. ଏଣ୍ଟରପ୍ରାଇଜେସ ଓ ଆର.କେ. ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତ୍ତାଳାପ କରାଯାଇଛି। ସେହିପରି ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବହୁ ରାଜ୍ୟ ବ୍ୟବସାୟିକ ଆଲୋଚନା କରିଛନ୍ତି। ଧାନ, କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ୍ୟ ବାଣିଜ୍ୟ ମେଳାରେ ସ୍ଥାନ ପାଇଛି। ଏହି ବାଣିଜ୍ୟ ମେଳା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି କେନ୍ଦ୍ର

ଭୁବନେଶ୍ୱର,୧୮।୧୧(ସମିସ): ଅନ୍ତର୍ଜାତୀୟ ମାନର ଫର୍ଟିଲିଟି ଚିକିତ୍ସା ସୁବିଧାଥିବା ଫର୍ଟିଲିଟି ଚେନ ନୋଭା ଆଇଭିଏଫ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟର ଶୁଭାରମ୍ଭ କରିଛି। ଏହି ସେଣ୍ଟରରେ ଆଡଭାନ୍ସଡ ଇଲେକ୍ଟ୍ରୋନିକ ୱିଟ୍‌ନେସିଙ୍ଗ ସିଷ୍ଟମ ଓ ଆର୍ଟିଫିସିଆଲ ଇନଟେଲିଜେନ୍ସ ସକ୍ଷମ ଟେକ୍ନୋଲୋଜିଗୁଡ଼ିକ ସହିତ ଶୁଭାରମ୍ଭ ହୋଇଛି। ଉଭୟ ଟିୟର ୧ ଓ ଟିୟର ୨ ସହର ଗୁଡିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି




ପାଉଥିବାବେଳେ ଏହି ଫର୍ଟିଲିଟି ଚେନର ୪୦ ପ୍ରତିଶତ ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏସମ୍ପର୍କରେ ନୋଭା ଆଇଭିଏଫ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଡ. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନନ୍ସକୁ ବ୍ୟବହାର କରାହେଉଛି। ଭୁବନେଶ୍ୱର ସେଣ୍ଟରର ଶୁଭାରମ୍ଭରେ ଫର୍ଟିଲିଟି ବିଶେଷଜ୍ଞମାନେ ବର୍ତମାନେ ପ୍ରଚଳିତ ଆଞ୍ଚଳିକ ଟ୍ରେଣ୍ଡଗୁଡିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ ଡ. ଗାୟତ୍ରୀ ଶତପଥୀ କହିଛନ୍ତି ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି ଷ୍ଟେଟ-ଅଫ୍-ଦ–ଆର୍ଟ ଲାବ୍ରୋଟେରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଏଆଇ ଏମ୍ବ୍ରୋ ସିଲେକ୍ସନ, ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମ ଓ ଆନ୍ତର୍ଜାତୀୟ ପ୍ରୋଟୋକଲଗୁଡିକର ଅନୁପାଳନ ସହିତ ଏକ ସୁବ୍ୟବସ୍ଥିତ କେନ୍ଦ୍ରରେ ବିସ୍ତୃତ ଫର୍ଟିଲିଟି ଚିକିତ୍ସା ପ୍ରଦାନ କରିବ। ଏହାର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆର୍‌କମ୍ ଜାଲିଆତି ମାମଲା; ଯାଞ୍ଚକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେନ୍ଦ୍ର-ଇଡି-ସିବିଆଇ ଓ ଅନିଲ ଅମ୍ବାନୀଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର, ସିବିଆଇ, ଇଡି, ଅନିଲ ଅମ୍ବାନୀ ଏବଂ ଅନ୍ୟ କିଛି ଲୋକଙ୍କୁ ସୁପ୍ରିମକୋର୍ଟ ଦେଇଛନ୍ତି ନୋଟିସ୍। ଏହି ନୋଟିସ୍ ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍), ଅନିଲ ଧୀରୁଭାଇ ଅମ୍ବାନୀ (ଏଡିଏ) ଗ୍ରୁପର ଅନ୍ୟ କମ୍ପାନୀ ଏବଂ ପ୍ରମୋଟର ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଆସିଥିବା ବ୍ୟାଙ୍କିଙ୍ଗ ଏବଂ କର୍ପୋରେଟ୍ ଠକେଇ ଅଭିଯୋଗ ସହ ଜଡ଼ିତ। ପ୍ରକୃତରେ ଏହି ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେଉ ବୋଲି ଏକ ପିଆଇଏଲ୍ ଆବେଦନ ହୋଇଥିଲା। ଯାହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନୋଟିସ ଜାରି କରିଛନ୍ତି।

ସୂଚନା ଅନୁସାରେ, ପୂର୍ବତନ କେନ୍ଦ୍ର ସଚିବ ଇ.ଏ.ଏସ ଶର୍ମାଙ୍କ ଦ୍ୱାରା ଦାୟର ପିଆଇଏଲ୍ ଉପରେ ଶୁଣାଣି କରି କୋର୍ଟ ମଙ୍ଗଳବାର ଏହି ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ବି.ଆର. ଗଓ୍ୱାଇ ଏବଂ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ପିଆଇଏଲ୍ ଉପରେ ଶୁଣାଣି କରି ସମସ୍ତଙ୍କୁ ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଦୁର୍ନୀତିର ପରିମାଣ ଏତେ ଥିଲେ ବି ସିବିଆଇ ଓ ଇଡି, ବ୍ୟାଙ୍କ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସଲାସୁତୁରାର ଯାଞ୍ଚ କରୁନାହାଁନ୍ତି। ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ବ୍ୟାଙ୍କ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କ'ଣ ତଦନ୍ତ ଚାଲିଛି ତାହାର ଏକ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦିଅନ୍ତୁ। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ୍‌ରେ ଥିବା ଅନେକ କମ୍ପାନୀ ସାଧାରଣ ଲୋକଙ୍କ ଟଙ୍କାକୁ ବିଭିନ୍ନ ଉପାୟରେ ଅପବ୍ୟବହାର କରିଥିଲେ। ମିଥ୍ୟା ବାଲାନ୍ସ ସିଟ୍ ପ୍ରସ୍ତୁତ କରିଥିଲେ। ଆଉ ଏସବୁ ବ୍ୟାଙ୍କ ଏବଂ ବ୍ୟାଙ୍କ୍ ଅଧିକାରୀଙ୍କ ସହମତିରେ ହୋଇଥିଲା। ସିବିଆଇ ଅଗଷ୍ଟ ୨୧ରେ ଏକ ଏଫଆଇଆର ରୁଜୁ କରିଥିଲା। ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଇଡିରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଏହି ଦୁର୍ନୀତିର ଏକ ଛୋଟ ଅଂଶ। ଫୋରେନସିକ୍ ଅଡିଟ୍ରେ ଅନେକ ଗୁରୁତର ଅନିୟମିତତା ଧରାପଡ଼ିଛି। ବମ୍ବେ ହାଇକୋର୍ଟ ପୂର୍ବରୁ ହିଁ ଏକ ରାୟରେ ସମସ୍ତ ଠକେଇ ଏବଂ ପାଣ୍ଠିର ଅପବ୍ୟବହାର କଥା ପ୍ରମାଣିତ କରିସାରିଛନ୍ତି।

# ଆପୋଲୋ ଟାୟାର୍ସ-କିଟ୍ ସହଭାଗିତା

ଭୁବନେଶ୍ୱର,୧୮।୧୧(ସମିସ): ଆପୋଲୋ ଟାୟାର୍ସ ଲିମିଟେଡ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍), ଭୁବନେଶ୍ୱର ପକ୍ଷରୁ ଆଜି ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଟାୟାର ଟେକ୍ନୋଲୋଜି ଉପରେ ଏକ ସ୍ୱତନ୍ତ୍ର ଇଲେକ୍ଟିଭ / ମଡ୍ୟୁଲର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଥମ ଧରଣର ରଣନୈତିକ ସହଭାଗିତା ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଭାରତରେ ଏଭଳି




ଐତିହାସିକ ସହଭାଗିତା କରାଯାଇଛି, ଯେଉଁଠାରେ ଏକ ଟାୟାର ନିର୍ମାତା ଓ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ଟାୟାର ସାଇନ୍ସ, ଡିଜାଇନ ଓ ଉତ୍ପାଦନ ପ୍ରକ୍ରିୟାକୁ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏକୀକୃତ କରିବା ପାଇଁ ଏକାଠି ହୋଇଛନ୍ତି। ଏହି ସହଭାଗିତା ଅଧିନରେ ଆପୋଲୋ ଟାୟାର୍ସ ଲିଃ ପାଠ୍ୟକ୍ରମ ପାଇଁ ଶିକ୍ଷାନୁଷ୍ଠାନ ବିଷୟବସ୍ତୁକୁ ନୂଆ ରୂପ ଦେବା କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ସହଭାଗିତା ଅବସରରେ କିଟ୍, କିସ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର (ଡଃ) ଅଚ୍ୟୁତ ସାମନ୍ତ, ଆପୋଲୋ ଟାୟାର୍ସ ଲିଃର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଆର ମହାଲକ୍ଷ୍ମୀ ଏବଂ ସମ୍ପର୍କରେ କିଟ୍-ଡିୟୁର ଭାଇସ ଚାନ୍ସେଲର ପ୍ରଫେସର (ଡଃ) ସରଞ୍ଜିତ ସିଂହ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ୍ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂର ଡିନ୍ ଡା. ବି. ସୁରେଖା, ପ୍ରଫେସର ପି. ଚନ୍ଦ୍ର ଶେଖର, ଆସୋସିଏଟ ଡିନ୍ ଆଇ, ସ୍କୁଲ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂ, କିଟ୍‌ଡିୟୁ ପ୍ରଶାନ୍ତ କୁମାର ଏସ୍,ଉତ୍ପାଦ ବିକାଶ ମୁଖ୍ୟ ସିଭି ଟିବିଆର, ରୀମା ଶର୍ମା, ବିଭାଗୀୟ ମୁଖ୍ୟ ଏଚଆରବିପି ବାଣିଜ୍ୟିକ, ଆଇଏସଏସଇଏ, ଶ୍ରୀଯୁକ୍ତ ଅନିତ ଚାକୁ, ମୁଖ୍ୟ ଏଫଟିଏସ, ଆଇଏସଏସଇଏ, ଆପୋଲୋ ଟାୟର୍ସ, ଏବଂ ଡା. ଶିର୍ସେନ୍ଦୁ ବାନାର୍ଜୀ, ଆସୋସିଏଟ ଡିନ୍, ଇଣ୍ଡଷ୍ଟ୍ରିଆଲ୍ ଏଗେଜମେଂଟସ୍, କିଟ୍‌ଡିୟୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷ୍‌ର ସେଣ୍ଟ ପିଟର୍ସବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮ - ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮ - ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

## ଲୌହ ମାନବୀ ଇନ୍ଦିରା



ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକା ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

## 'ତେରେ ଇସ୍କ ମେଁ' ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ।

## ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି



**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫ ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

## ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର



**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

## ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**




- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ପୂର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

## ସମାଲୋଚକଙ୍କ ସହ କିଭଳି ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



## ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି । ଘରୋଇ ଓଡ଼ିଶା ପକ୍ଷରୁ ୪୬୫

### ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି । ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି । ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ । ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି । ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି ।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା । ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା । ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟସରେ ଖେଳିଥିଲେ । ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ । ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା । ତେବେ ଦଳୀୟ




ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ । ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ । ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ । ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ । ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା । ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା । ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ । ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି । ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା । ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ । କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା । ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ । ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା । ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ । ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ । ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

■ ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରୁ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପାକିସ୍ତାନ ଗ୍ରୁପ୍‌ରେ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା । ଅନ୍ୟପକ୍ଷରେ ମଙ୍ଗଳବାର ଓମାନକୁ ୬ ୱିକେଟରେ ହରାଇ ଭାରତ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ଗ୍ରୁପ୍-ବି'ର ଲିଗ୍ ମ୍ୟାଚ୍ ପରେ ସେମିରେ କିଏ କାହା ସହ ଖେଳିବ ତାହା ଜଣାପଡ଼ିବ । ଆଜି ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୭ ୱିକେଟରେ ୧୩୫ ରନ୍ କରିଥିଲା । ଜବାବରେ ଭାରତ ୧୭.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ଦଳ ପକ୍ଷରୁ ହର୍ଷ ଦୁବେ ସର୍ବାଧିକ ୫୩ଅ, ନମନ ଧୀର ୩୦ ଓ ନେହାଲ ୱାଧେରା ୨୩ ରନ୍ କରିଥିଲେ ।

## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି । ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି । କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି । ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି । ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି । ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତା ମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ । କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି । ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି ।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା ।

### ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ

## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ । ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି । ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି । ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା । ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ । ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧରେ ସିନିଅର ର୍‍ୟାଙ୍କିଂ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି । ପଟିଆ



ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ସିନିଅର ର୍‍ୟାଙ୍କିଂ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି । ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୬୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS